ଧରିତ୍ରୀ

October 7-13, 2018 ₹ 2/-

ଛୁଟିଦିନ




# ନିକିତି




୩ ପ୍ରଚ୍ଛଦ ପ୍ରସଙ୍ଗ

ଦୈନନ୍ଦିନ ଜୀବନରେ ନିକିତିର ଆବଶ୍ୟକତାକୁ କଦାଚିତ୍ ଅସ୍ୱୀକାର କରାଯାଇ ନ ପାରେ। କାହିଁ କେଉଁ ଆବହମାନ କାଳରୁ ଏହାର ଆବଶ୍ୟକତା ଥିଲା ଓ ବହୁ ଶହ ଶତାବ୍ଦୀ ପରେ ମଧ୍ୟ ଏହାର ଆବଶ୍ୟକତା ରହିବ – ଏହା ନିଃସନ୍ଦେହ। ନିକିତିର ଏଭଳି ସାର୍ବଜନୀନ ପ୍ରୟୋଜନୀୟତାକୁ ନେଇ ଦେଶ-କାଳ-ପାତ୍ର ଭିତ୍ତିରେ ଗଢ଼ିଉଠିଛି ବହୁ କଥା ଓ କାହାଣୀ। ସେହିସବୁ କଥାକାହାଣୀର ଏହା ଏକ ଚଟୋଳ ଉପସ୍ଥାପନା...



ସିନେମା ୮/୯



ସହରଠୁ ଦୂର ୧୩

# କଫିକପ୍ ଭିତରେ ସୁନ୍ଦର କାରିଗରି



କାନଭାସ ଉପରେ ତୂଳୀ ଆଉ ରଙ୍ଗ ଦ୍ୱାରା ଅଙ୍କିତ ଚିତ୍ର ହେଉ ବା କଞ୍ଚା ମାଟିରେ ନିର୍ମିତ ମୂର୍ତ୍ତି। ପ୍ରତ୍ୟେକ କାରିଗରି ପାଇଁ ଆବଶ୍ୟକ ହୁଏ ଶିଳ୍ପୀର ସୃଜନଶୀଳତା ଏବଂ ଗଭୀର ଅଧ୍ୟବସାୟ। ସେହିଭଳି ଏକ ନୂତନ ସୃଜନଶୀଳତାକୁ ବିନିଯୋଗ କରି ଆନାସ୍ତେସିଆ ଆଲିଆସ ନାମକ ଜଣେ ପାର୍ଶୀ କଳାକାର କଫି କପ୍ ମଧ୍ୟରେ କଳାକୃତି ପ୍ରସ୍ତୁତ କରି ତାକୁ ସୁନ୍ଦର ରୂପ ଦେଉଛନ୍ତି। ସାଧାରଣ କଫି କପ୍ ମଧ୍ୟରେ ଦୈନନ୍ଦିନ ଜୀବନ ଶୈଳୀକୁ ବେଶ ସୁନ୍ଦର ଭାବେ ଖୋଦିତ କରି ସେ ଅନେକ ପ୍ରଶଂସା ସାଉଁଟୁଛନ୍ତି। ପୂର୍ବରୁ ସେ ଟଏଲେଟ ପେପର ରୋଲରେ ମଧ୍ୟ ଏଭଳି ଅନେକ କଳାକୃତି ନିର୍ମାଣ କରିଛନ୍ତି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୭-୧୩

**ମେଷ:** ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ। ଘର ସାଜସଜ୍ଜାରେ ବ୍ୟସ୍ତତା, ସମ୍ପର୍କୀୟଙ୍କ ସହ ମିତ୍ରତା, ବନ୍ଧୁଙ୍କ ସାହାଯ୍ୟ, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ପାରିବାରିକ ତିକ୍ତତା, ଅର୍ଥ ଉପାର୍ଜନ ଓ କାର୍ଯ୍ୟସିଦ୍ଧି, ବ୍ୟାପାରରେ ସମାଲୋଚିତ ହୋଇପାରନ୍ତି।

**ବୃଷ:** ପାରିବାରିକ ସମସ୍ୟା। ଭାବପ୍ରବଣତା ବୃଦ୍ଧି, ମନୋବଳ ହ୍ରାସ ପାଇବ। କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବ, ବିବାଦୀୟ ସମସ୍ୟାର ସମାଧାନ, ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ, ଭବିଷ୍ୟନିଧି ପାଣ୍ଠିରୁ ସହଯୋଗ ଲୋଡିବେ।

**ମିଥୁନ:** କର୍ମକ୍ଷେତ୍ରରେ ଉତ୍ସାହ, ଆର୍ଥିକ ଉନ୍ନତି, ଭ୍ରମଣଜନିତ ଅବସାଦ, ସନ୍ତାନ ହେତୁକ ଦ୍ୱନ୍ଦ୍ୱ, ଆମଦାନୀ ବାଣିଜ୍ୟରେ ଉନ୍ନତି, ବନ୍ଧୁଙ୍କ ଆଚରଣରେ ସନ୍ଦେହ ସୃଷ୍ଟି, ବାଦବିବାଦରେ ଜଟିଳତା।

**କର୍କଟ:** ମାନସିକ ଶାନ୍ତି ପାଇବେ, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସଙ୍କଟ ଉପଲବ୍ଧ, ବନ୍ଧୁ ସମ୍ପର୍କରେ ଉନ୍ନତି, ଶିକ୍ଷାରେ ସଫଳତା। ମାଲିମକଦ୍ଦମାରୁ ଅଶାନ୍ତି,ଉଚ୍ଚସ୍ତରରୁ ସମ୍ମାନ, ବାଦବିବାଦରେ ସମାଧାନ ଘଟିବ।

**ସିଂହ:** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ଆୟଠାରୁ ବ୍ୟୟ ଅଧିକ, ବିଳମ୍ବରେ ଅଭୀଷ୍ଟ ସିଦ୍ଧି। ଆର୍ଥିକ ସ୍ଥିତିରେ ଉନ୍ନତି, ଅଧ୍ୟାପନାରେ ସମସ୍ୟା, ବ୍ୟୟବହୁଳ ଯାତ୍ରା, ପେଟରୋଗରୁ କଷ୍ଟ, ନୂତନ ନିଯୁକ୍ତିର ସୁଯୋଗ।

**କନ୍ୟା:** ବନ୍ଧୁ ମିଳନରୁ ଆନନ୍ଦ, ନୂତନ ମୈତ୍ରୀ, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ, ଯୋଗାଣ କାରବାରରେ ଉନ୍ନତି, ବିଭିନ୍ନ ସୂତ୍ରରୁ ରୋଜଗାର। ପଦମର୍ଯ୍ୟାଦା ବୃଦ୍ଧି, ମକଦ୍ଦମାରୁ ଚିନ୍ତା, ଦୈହିକ ଦୁର୍ବଳତା, ଶୁଭ ଖବର ପାଇବେ।

**ତୁଳା:** ନୂତନ ଯୋଜନା କରିବେ, ଭ୍ରମଣ ସୁଯୋଗ ଜୁଟିବ, କ୍ଳାନ୍ତିବୋଧର ଅନୁଭବ, ଗବେଷଣାରେ ସଫଳତା, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, ଧାର ସୂତ୍ରରେ ଅର୍ଥ ପାଇବେ। କ୍ରୀଡା ଓ କଳାରୁ ସମ୍ମାନ, ପାରିବାରିକ କଳହ, ରାଜନୈତିକ ଅସ୍ଥିରତା।

**ବିଛା:** ସ୍ୱାସ୍ଥ୍ୟହାନିରୁ ଦୁଶ୍ଚିନ୍ତା, ସୁଯୋଗ ହରାଇବେ, ହାତ ଖାଲି ରହିବନି, ନୂଆ କାମ ଆରମ୍ଭ କରିବେ, ଯାନବାହନ କ୍ରୟ କରିପାରନ୍ତି, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ନିଃସଙ୍ଗତା ବୋଧ କରିପାରନ୍ତି। ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ।

**ଧନୁ:** କାମରେ ଅବହେଳା, ପାରିଶ୍ରମିକ କମ୍ ପାଇବେ, ସମସ୍ୟା ସମାଧାନ। ସଭାସମିତିକୁ ନିମନ୍ତ୍ରଣ, ପ୍ରଶାସନିକ ସଫଳତା, କଚେରି ମାମଲାରେ ଟେନ୍ସନ, ସରକାରୀ ସହାୟତା, ଆତ୍ମୀୟ ସ୍ୱଜନଙ୍କ ଉଦାରତା।

**ମକର:** ନୂତନ ବନ୍ଧୁସମ୍ପର୍କ, ଯାତ୍ରାରେ ଲକ୍ଷ୍ୟପୂରଣ, ଯାନ୍ତ୍ରିକ ସମସ୍ୟାର ସମାଧାନ, ଯୋଜନା ବିଗିଡିଯିବ, ଶୁଭଖବର ପାଇ ଖୁସି ହେବେ, ଏଜେନଶିପ୍ ବୃଦ୍ଧି ପାଇବ, କରଜଦାତାଙ୍କ ଚାପ। କାମଗୁଡିକ ଅସମ୍ପୂର୍ଣ୍ଣ ରହିଯାଇପାରେ।

**କୁମ୍ଭ:** ଆରୋଗ୍ୟଲାଭ କରିବେ, ଉଚ୍ଚଚିନ୍ତାକୁ ସମର୍ଥନ, ଅର୍ଥଲାଭରୁ ଉତ୍ସାହ, ବନ୍ଧୁଙ୍କ ପ୍ରେରଣା ପାଇବେ, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି। ପ୍ରକାଶନରେ ଦ୍ୱନ୍ଦ୍ୱ, ମନୋରଞ୍ଜନର ମଉକା, ପୁରୁଣା କଥାକୁ ଦୋହରାନ୍ତୁନି, ଯାତ୍ରାରେ ଲକ୍ଷ୍ୟ ପୂରଣ, ସନ୍ତାନ ହେତୁକ ଗୌରବ।

**ମୀନ:** କାର୍ଯ୍ୟରେ ଅଗ୍ରଗତି, ପାରିବାରିକ ଶାନ୍ତି, ବନ୍ଧୁ ମିଳନ, ପ୍ରତିକୂଳ ପରିସ୍ଥିତିର ଚାପ କମିବ, ଗୁରୁବର୍ଗଙ୍କ ପରୋକ୍ଷ ସମର୍ଥନ, ଅଧ୍ୟାପନାରୁ ଉପକୃତ ହେବେ, ସହକର୍ମୀଙ୍କ ଅନାଦରଭାବ, ନୂତନ ସ୍ଥାନ ପରିଦର୍ଶନ କରିପାରନ୍ତି।

# ଶୋଇବାର ଶୈଳୀ କହେ ବ୍ୟକ୍ତିତ୍ୱ କଥା

ମନୁଷ୍ୟର ଚାଲିଚଳନ ବ୍ୟବହାରରୁ ଯେପରି ତା'ର ବ୍ୟକ୍ତିତ୍ୱ ସଂପର୍କରେ ଜାଣିହୁଏ ଠିକ ସେହିପରି ଶୋଇବାର ଶୈଳୀ ମଧ୍ୟ ଅନେକାଂଶରେ ବ୍ୟକ୍ତିତ୍ୱ ଏବଂ ସ୍ୱଭାବ ସମ୍ପର୍କରେ ସୂଚନା ଦେଇଥାଏ।



* ଯେଉଁ ବ୍ୟକ୍ତିମାନେ ପେଟେଇ ହୋଇ ଶୁଅନ୍ତି ସେମାନଙ୍କ ମଧ୍ୟରେ ଏକ ଅଜଣା ଡର ଏବଂ ଅସୁରକ୍ଷିତ ଭାବ ଲୁଚି ରହିଥାଏ। ଏହି ବ୍ୟକ୍ତିମାନେ ଜୀବନରେ କୌଣସି ରିସ୍କ ନେବାକୁ ଉଚିତ ମନେ କରନ୍ତି ନାହିଁ।
* ଶୋଇବା ସମୟରେ ପାଦକୁ ଯୋଡି କରି ବା ଘୋଡେଇ ହୋଇ ଶୋଉଥିବା ବ୍ୟକ୍ତିଙ୍କ ଜୀବନ ସଂଘର୍ଷପୂର୍ଣ୍ଣ ଥାଏ। କୌଣସି କାର୍ଯ୍ୟ କରିବା ପାଇଁ ଏମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡିଥାଏ।
* ଶରୀର ଏବଂ ଗୋଡକୁ ଜାବୁଡିଧରି ଶୋଉଥିବା ବ୍ୟକ୍ତି ଡରକୁଳା ସ୍ୱଭାବର ହୋଇଥାନ୍ତି। ଏମାନେ ଅନ୍ୟମାନଙ୍କ ସହ ମିଶିବା ପାଇଁ ସଂକୋଚ ପ୍ରକାଶ କରିଥାନ୍ତି।
* ଗୋଡ ଉପରେ ଗୋଡ ରଖି ଶୋଉଥିବା ବ୍ୟକ୍ତି ନିଶ୍ଚିତ ଭାବେ ସନ୍ତୁଷ୍ଟ, ସହନଶୀଳ ତଥା ଶାନ୍ତ ସ୍ୱଭାବର ବ୍ୟକ୍ତି ହୋଇଥାନ୍ତି। ଏହି ବ୍ୟକ୍ତିମାନେ ସର୍ବଦା ଅନ୍ୟକୁ ସାହାଯ୍ୟ କରିବାକୁ ଆଗଭର ହୋଇଥାନ୍ତି।
* ବାରମ୍ବାର କଡ ଲେଉଟାଇ ଶୋଉଥିବା ବ୍ୟକ୍ତି ସର୍ବଦା ଆପୋସ ବୁଝାମଣାରେ ବିଶ୍ୱାସ କରନ୍ତି। କୌଣସି ଭୁଲ ବୁଝାମଣା ହେଲେ ଏହି ବ୍ୟକ୍ତିମାନେ ସଲାସୁତୁରା କରି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଚେଷ୍ଟା କରିଥାନ୍ତି।

# ପାଠକୀୟ

❖ନଦୀରେ ଯାତାୟାତ ପାଇଁ ଡଙ୍ଗାର ଆବଶ୍ୟକତା ଯେତିକି ଥାଏ, ସେତିକି ଥାଏ ଘାଟର। ନଦୀତଟର ଗୋଟିଏ ପଟରୁ ଅନ୍ୟ ପଟକୁ ଜଳପଥରେ ପାର ହେବା ପାଇଁ ଘାଟରୁ ହିଁ ଆରମ୍ଭ ହୁଏ ନୌଯାତ୍ରା। ଓଡିଶାରେ ଥିବା ସେମିତି କେତୋଟି ଘାଟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଘାଟ' ଏକ ଉଚ୍ଚକୋଟୀର ଆଲେଖ୍ୟ ଥିଲା। 'ଶୁଭ ସୂଚକ ପ୍ରାଣୀ', 'ମହଙ୍ଗା କ୍ଲବ' ଏବଂ 'ଚୋରି ଏଠି ମନା' ଆଦି ଛୋଟ ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଥିଲା।

*–ନିମାଇଁ ପଟ୍ଟନାୟକ, ଆଳି, କେନ୍ଦ୍ରାପଡ଼ା*

❖ଓଡିଶାରେ ଏବେ ବି କେତେକ ସ୍ଥାନରେ ଗମନାଗମନ ପାଇଁ ଲୋକେ ନଦୀ ଓ ତା'ର ଘାଟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବାର ଦେଖିବାକୁ ମିଳୁଛି। ତେଣୁ ଘାଟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ଅନେକ କଥା ଜାଣିବାକୁ ମିଳିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସ୍ପଷ୍ଟବାଦୀ ଲେଖକ 'କର୍ଟ ବୌନେଟ୍'ଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା।

*–ଶୁଭ୍ରାଂଶୁ ଶେଖର ମାହାନ୍ତ, ଝାରସୁଗୁଡ଼ା*

❖ସୃଜନ ପୃଷ୍ଠାରେ ସ୍ଥାନିତ 'ପୁରୁଣା ପ୍ରେମିକା' ନାମକ ଗପଟି ମୋ ମନ କିଣିନେଲା। ସେହିପରି ସିନେମା ପାଠଗୁଡ଼ିକ ବି ଖୁବ୍ ହୃଦୟସ୍ପର୍ଶୀ ହୋଇପାରୁଛି। ପ୍ରଥମ ରୋଜଗାର ସ୍ତମ୍ଭରୁ କଣ୍ଠଶିଳ୍ପୀ ତଥା ଲେଖିକା ଛନ୍ଦା ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢିଲି, ମୋ ମନକୁ ବେଶ୍ ପାଇଲା। 'ସେଲିବ୍ରିଟିଙ୍କ ଅଜବ ଅଭ୍ୟାସ' ପାଠଟିରୁ ତାରକାମାନଙ୍କର ବହୁତ ଅଜଣା କଥା ଜାଣିବାକୁ ମିଳିଲା।

*–ଗଣେଶ ବାରିକ, ରେଢ଼ାଖୋଲ*

❖ମଡେଲ୍ ସୌମ୍ୟା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ ଦୁମ୍‌କା ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ଅନେକ ନୂଆ ନୂଆ କଥା ଜାଣି ଖୁସି ଲାଗିଲା। ହାଃ ହାଃ ମଧ ବେଶ୍ ମଜାଦାର୍ ହୋଇପାରୁଛି। ବିବିଧା ପୃଷ୍ଠାରୁ 'ଚାଲିଲା ଲେଗୋ ବ୍ରିକ୍‌ର କାର୍'ର ସମସ୍ତ ଫଟୋଗୁଡ଼ିକ ବି ଖୁବ୍ ସୁନ୍ଦର ହୋଇଥିଲା।

*–ବନାନୀ ମହାନ୍ତି, କାଇପଦର, ଖୋର୍ଦ୍ଧା*

❖ଯାତ୍ରା ପୃଷ୍ଠାରୁ 'କଳାର ମଣିଷ ସୁବୋଧ ମିଶ୍ର'ଙ୍କ ଯାତ୍ରା ଇଂନିସ୍ ବିଷୟରେ ଅନେକ ନୂଆ କଥାମାନ ଜାଣିବାକୁ ମିଳିଲା। 'ବହି ଆସବାବ' ପାଠଟି ବି ମନଲାଖି ହୋଇପାରିଥିଲା। ସେହିପରି ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ଆଇଫୋନ୍ ଗନ୍' ଏବଂ 'ରବର୍ ଗର୍ଲ' ଆଦି ପାଠଗୁଡ଼ିକ ବି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

*–ସ୍ୱପ୍ନାଲୀ ବରାଳ, ମୟୂରଭଞ୍ଜ*

## ବିଶେଷ ଚିଠି




ଛୁଟିଦିନ ତୁମେ ଭାରି ବଢ଼ିଆ
ରୂପଟି ସୁନ୍ଦର ରଙ୍ଗରଙ୍ଗିଆ।
ଧରିତ୍ରୀ ସହିତ ରବିବାରିଆ
ଆସୁଛ ଆଣୁଛ ଖବର ନୂଆ।
ମୋ ମନକୁ କରିଅଛ କିମିଆ
ଦିନେ ନ ପଢ଼ିଲେ ଲାଗେ ଅଡୁଆ।
ଆଶିଷ ଦିଅନ୍ତୁ ଜଗାକାଳିଆ
ଛୁଟିଦିନ ତୁମେ ଭଲରେ ଥାଅ।

**–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ନିକିତି





*ଦୈନନ୍ଦିନ ଜୀବନରେ ନିକିତିର ଆବଶ୍ୟକତାକୁ କଦାଚିତ୍ ଅସ୍ୱୀକାର କରାଯାଇ ନ ପାରେ। କାହିଁ କେଉଁ ଆବହମାନ କାଳରୁ ଏହାର ଆବଶ୍ୟକତା ଥିଲା ଓ ବହୁ ଶହ ଶତାବ୍ଦୀ ପରେ ମଧ୍ୟ ଏହାର ଆବଶ୍ୟକତା ରହିବ – ଏହା ନିଃସନ୍ଦେହ। ନିକିତିର ଏଭଳି ସାର୍ବଜନୀନ ପ୍ରୟୋଜନୀୟତାକୁ ନେଇ ଦେଶ–କାଳ–ପାତ୍ର ଭିତ୍ତିରେ ଗଢ଼ିଉଠିଛି ବହୁ କଥା ଓ କାହାଣୀ। ସେହିସବୁ କଥାକାହାଣୀର ଏହା ଏକ ଚଟୋଳ ଉପସ୍ଥାପନା...*

ସଭ୍ୟତାର କ୍ରମ ବିକାଶ ସହିତ ମନୁଷ୍ୟ ବିଭିନ୍ନ ପ୍ରକାର ଦ୍ରବ୍ୟର ବ୍ୟବହାର ଶିଖିଲା । ନିକିତି ତହିଁରୁ ଗୋଟିଏ । ସମସ୍ତ ପ୍ରାଚୀନ ସଭ୍ୟତାରେ ନିକିତିର ଗୁରୁତ୍ୱ ରହିଛି । ବିଜ୍ଞାନ, ଇତିହାସ, ସାହିତ୍ୟ, ପୁରାଣ ସବୁକୁ ଆବୋରି ରଖିଛି ନିକିତି । ମାଣ, ସେର, ଗଉଣି, ବିଶା କାଠି, କାଠି ନିକିତି, କମାନି ନିକିତି, ଲୁହା ନିକିତି, ୱେ ବ୍ରିଜ ପରେ ଏବେ ଆଧୁନିକ କମ୍ପ୍ୟୁଟର ନିକିତିର କାରବାର ବଢ଼ିଛି । ପକେଟ ନିକିତି ଓ ୱାଇଫାଇଯୁକ୍ତ ନିକିତି ବଜାରରେ ମିଳିଲାଣି । ବିଜ୍ଞାନାଗାରର ଅତି ସୂକ୍ଷ୍ମ ଓଜନ ହେଉ ଅବା ବୃହତ୍କାୟ ପଣ୍ୟବାହୀ ଜାହାଜର ଓଜନ ସବୁଥିରେ ସଠିକତା ଓ ନିର୍ଭୁଲ ଉପରେ ଉଭୟ ନିକିତି ନିର୍ମାତା କମ୍ପାନୀ ଓ ଗ୍ରାହକ ଗୁରୁତ୍ୱ ଦେଉଛନ୍ତି ।

**ଇତିହାସ :** ଖ୍ରୀଷ୍ଟପୂର୍ବ ୬୦୦୦ରୁ କେତେକ ସଭ୍ୟତାରେ ବାର୍ଟର ସିଷ୍ଟମ (ଅଦଳବଦଳ ବ୍ୟବସ୍ଥା) ପ୍ରଚଳିତ ଥିଲା । ଖ୍ରୀଷ୍ଟପୂର୍ବ ୨୪୦୦ରୁ ୧୮୦୦ ମଧ୍ୟରେ ସିନ୍ଧୁନଦୀ ଅବବାହିକାରେ ନିକିତିର ବ୍ୟବହାର କଥା କୁହାଯାଏ । ଖ୍ରୀଷ୍ଟପୂର୍ବ ୧୮୭୮ ବେଳକୁ ଇଜିପ୍ଟରେ ନିକିତିର ପ୍ରଚଳନ ହେଲାଣି । ଇଜିପ୍ଟର ଦେବତା ଆନୁବିସ୍ ମୃତକର ହୃତ୍ପିଣ୍ଡକୁ ନିକିତିରେ ଓଜନ କରି ଏଥିରୁ କିଏ ସ୍ୱର୍ଗକୁ ଯିବ ତାହା ନିର୍ଦ୍ଧାରଣ କରୁଥିଲେ । ପ୍ରାଚୀନ ହରପ୍ପା ସଭ୍ୟତାରୁ ଭାରତରେ ନିକିତିର ପ୍ରଚଳନ କଥା ଜଣାଯାଏ । ମୌର୍ଯ୍ୟ ସାମ୍ରାଜ୍ୟରେ କୌଟିଲ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ୧୬ ପ୍ରକାର ନିକିତି ସମ୍ପର୍କରେ ସୂଚନା ଦେଇଛନ୍ତି । କାଠ, ଲୁହା ଓ ବିଭିନ୍ନ ଧାତୁରେ ନିକିତିର ଦଣ୍ଡ ତିଆରି ହେଉଥିଲା । ଚିକ୍କଣ ପଥରଖଣ୍ଡକୁ ବଟକରା ଭାବରେ ବ୍ୟବହାର କରାଯାଉଥିଲା । ବିଭିନ୍ନ ସାନ୍ଦ୍ରତା ଓ ମୋଟେଇ ଯୁକ୍ତ ପଥରଖଣ୍ଡ ଏଥିପାଇଁ ବ୍ୟବହାର ହେଲା । ୧୭୭୦ ମସିହାରେ ବ୍ରିଟିଶ ନିକିତି ନିର୍ମାତା ରିଚାର୍ଡ ସାଲ୍ଟର ସ୍ପ୍ରିଙ୍ଗ ନିକିତି ନିର୍ମାଣ କରିଥିଲେ ।

**ପୁରାଣରେ ନିକିତି :**

ଦ୍ୱାପର ଯୁଗରେ କୃଷ୍ଣଙ୍କର ଦୁଇ ମୁଖ୍ୟ ପାଟରାଣୀ ଥିଲେ ସତ୍ୟଭାମା ଓ ରୁକ୍ମିଣୀ। ସେମାନଙ୍କ ମଧ୍ୟରେ କିନ୍ତୁ ଚିନ୍ତାଧାରାର ଅନେକ ପ୍ରଭେଦ ରହିଥିଲା । ସତ୍ୟଭାମା ନିଜର ଧନରତ୍ନ ଓ ସୌନ୍ଦର୍ଯ୍ୟରେ ସ୍ୱାମୀଙ୍କୁ ବାନ୍ଧି ରଖିଛନ୍ତି ବୋଲି ଭାବୁଥିବା ବେଳେ ରୁକ୍ମିଣୀଙ୍କର କୃଷ୍ଣଙ୍କ ପ୍ରତି ଭକ୍ତିଭାବ ଥିଲା । ସତ୍ୟଭାମାଙ୍କ ମନରୁ ଭ୍ରାନ୍ତଧାରଣା ଦୂର କରିବାକୁ ଦିନେ ନାରଦ କୃଷ୍ଣଙ୍କ ଦୁଇ ପତ୍ନୀଙ୍କ ମଧ୍ୟରେ କୃଷ୍ଣପ୍ରେମ ନେଇ କଳି ସୃଷ୍ଟି କଲେ । କୃଷ୍ଣଙ୍କ ବଦଳରେ କୃଷ୍ଣଙ୍କର ଓଜନର ଧନରତ୍ନ ଦେବାକୁ ନାରଦ ସତ୍ୟଭାମା ଓ ରୁକ୍ମିଣୀଙ୍କୁ ପ୍ରସ୍ତାବ ଦେଲେ । ନିକିତିର ଗୋଟିଏ ପଟେ କୃଷ୍ଣ ବସିଲେ ଓ ଅନ୍ୟ ପାଖରେ ସତ୍ୟଭାମା ତାଙ୍କର ମୂଲ୍ୟବାନ ଗହଣା ରଖିଲେ ମଧ୍ୟ ସମସ୍ତ ଅଳଙ୍କାରର ଓଜନ କୃଷ୍ଣଙ୍କ ଓଜନଠାରୁ ଊଣା ହେଲା । ଶେଷରେ ରୁକ୍ମିଣୀଙ୍କୁ ଡାକରା ଆସିଲା । ରୁକ୍ମିଣୀ ଆସି କୃଷ୍ଣଙ୍କର ନାମ ନେଇ ଏକ ତୁଳସୀପତ୍ର ନିକିତିରେ ପକାଇବାରୁ କୃଷ୍ଣଙ୍କ ଓଜନ ସହିତ ତାହା ସମାନ ହେଲା । ଶେଷରେ ସତ୍ୟଭାମାଙ୍କ ମନରେ ଥିବା ଗର୍ବଭାବ ଭାଙ୍ଗିଲା । ମହାଭାରତର ଏହି କାହାଣୀ ତୁଳାଭରମ୍ ନାମରେ ପରିଚିତ ।

**ମାଣକ ପୂରିଲା ସେରକ ପୂରିଲା :** ଗାଁ ଗହଳିରେ କପୋତ ସମ୍ପର୍କରେ ପ୍ରଚଳିତ ଲୋକ ଗୀତଟି ହେଲା, ମାଣକ ପୂରିଲା ସେରକ ପୂରିଲା ଉଠରେ ପୁତା ଉଠ୍ । ମାଆ କପୋତୀ ନିଜର ଭୁଲ୍ ବୁଝିପାରି ଶିମିଳି ଗଛ ଡାଳରେ ବସି ଏବେ ମଧ୍ୟ ଏହି ଗୀତ ଗାଇ ତା' ମୃତ ପୁଅକୁ ବାହୁନୁଛି ବୋଲି କୁହାଯାଏ । ପ୍ରାଚୀନ କାଳରେ ମୁଦ୍ରା, ମାପ ଓ ଓଜନର ପ୍ରସାର ହୋଇ ନ ଥିବାରୁ ଦ୍ରବ୍ୟର ବିକ୍ରି ଅପେକ୍ଷା ଦ୍ରବ୍ୟର ଅଦଳବଦଳରେ ଲୋକଙ୍କର ଚାହିଦା ମେଣ୍ଟୁଥିଲା । ଶୁଖିଲା ଦ୍ରବ୍ୟକୁ ମୁଖ୍ୟତଃ ମାଣ, ସେର, ଗଉଣି ଓ ପସରାରେ ମାପୁଥିଲେ । ଘାସ ଜାତୀୟ ଗଛ ନାଳିଆ, କାଇଁଶ, ବେତ ଓ ବାଉଁଶ ପାତିଆରୁ ପ୍ରସ୍ତୁତ ହେଉଥିବା ମାଣ, ସେର ଓ ଗଉଣି ଆଦିର ପ୍ରଚଳନ ଏବେ ମଧ୍ୟ ଗାଁ ଗହଳିରେ ରହିଛି । କାଠଦଣ୍ଡର ନିକିତି ସହାୟତାରେ ଘରୋଇ ବ୍ୟବହାର ଓ କେତେକ ଗ୍ରାମାଞ୍ଚଳ ହାଟରେ ଶାଗ, ପନିପରିବା, ଶୁଖୁଆ ଓ ମାଛ ଆଦି ଏବେ ମଧ୍ୟ ବିକ୍ରୟ ହେଉଛି ।















**ନିକିତି ତଉଲ ସାନ ବଡକୁ :** ନୟାଗଡର ରାଜା ବିନାୟକ ସିଂ ମାନ୍ଧାତାଙ୍କ ସଭାରେ ଦେୱାନ ଥିଲେ ଯଦୁମଣି ମହାପାତ୍ର । ସେ ଉତ୍କଳ ଘଣ୍ଟ ଭାବରେ ପରିଚିତ । ଆଶୁ କବିତା ରଚନା ତାଙ୍କର ବୈଶିଷ୍ଟ୍ୟ । ଏକ ଭୋଜିରେ ଯୋଗଦେବାକୁ ନୟାଗଡ ରାଜା ତାମ୍ରଯାନରେ ବସି ନିଜର ପାରିଷଦଙ୍କ ସହିତ ପାହାଡର ପାଦଦେଶରେ ଯାଉଥିବା ବେଳେ ସେଠାକୁ ଖଣ୍ଡପଡା ରାଜା ନୃସିଂହ ମର୍ଦ୍ଦରାଜ ହାତୀରେ ଚଢି ଯାଉଥିଲେ । ହାତୀ ଉପରେ ବସିଥିବାରୁ ଉଚ୍ଚରେ ଥିଲେ ଖଣ୍ଡପଡା ରାଜା ଓ ତାମ୍ରଯାନରେ ଯାଉଥିବାରୁ ଉଚ୍ଚତା ଦୃଷ୍ଟିରୁ ନୟାଗଡ ରାଜା ନୀଚରେ ଥିଲେ । ଖଣ୍ଡପଡା ରାଜାଙ୍କ ଜଣେ ଦରବାରିଆ ଏନେଇ ନୟାଗଡ ରାଜାଙ୍କୁ ପରିହାସ କରିବାରୁ ଯଦୁମଣି ହଠାତ୍ ଗାଇ ଉଠିଲେ : ନିକିତି ତଉଲ ସାନ ବଡକୁ/ଭାରି ହୁଏ ଯେ ହୁ ରହେ ତଳକୁ । ଖଣ୍ଡପଡା ରାଜା ଯଦୁମଣିଙ୍କ କଥାର ମହତ୍ତ୍ୱ ବୁଝିପାରି ଲଜ୍ଜିତ ହେଲେ ।

**ଧର୍ମ ନିକିତି :** କୁହାଯାଏ ଆଇନ ଅନ୍ଧ । କୋର୍ଟରୁମ୍‌ରେ ବିଚାରପତିଙ୍କ ପଛପାଖରେ ରଖାଯାଇଥାଏ ଦେବୀ ଆକୃତିର ଏକ ନାରୀର ମୂର୍ତ୍ତି, ଯାହାର ଆଖିରେ ଅନ୍ଧପୁଟୁଳି ବନ୍ଧା ଯାଇଥିବା ବେଳେ ବାମ ହାତରେ ଥାଏ ଏକ ନିକିତି ଓ ଡାହାଣ ହାତରେ ଏକ ଖଣ୍ଡା । ନିକିତି ଆଇନ ଆଖିରେ ସମସ୍ତେ ସମାନ ବୁଝାଉଥିବା ବେଳେ ଅନ୍ଧପୁଟୁଳି ନିରପେକ୍ଷତା ଏବଂ ଖଣ୍ଡା ଦ୍ରୁତ ଓ ଚୂଡାନ୍ତ ନିଷ୍ପତ୍ତିର ପ୍ରତୀକ ହୋଇଥାଏ । ରୋମର ପୁରାଣରେ ଏହିଭଳି ସାମଞ୍ଜସ୍ୟ ଥିବା ଦେବୀଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି । ସମ୍ରାଟ ଅଗଷ୍ଟସଙ୍କ ଅମଳରୁ ଏହି ପ୍ରତୀକର ପ୍ରଚଳନ ହୋଇଛି । ସେ ଓ ତାଙ୍କର ଉତ୍ତରାଧିକାରୀମାନେ ନିଜକୁ ଆଇନର ସୁରକ୍ଷାକର୍ତ୍ତା ବୋଲି ମନେ କରୁଥିଲେ ।

**ମାଙ୍କଡ ଓ ବିଲେଇଙ୍କ ପିଠା କଳି :** ପିଲାମାନଙ୍କ ମଧ୍ୟରେ ଆଈମା' କାହାଣୀର ମାଙ୍କଡ ଓ ବିଲେଇଙ୍କ ପିଠାକଳି ଗପଟି ଖୁବ୍ ଆଦର ଲାଭ କରିଛି । ଦିନେ ଦୁଇଟି ବିଲେଇ ଜଣଙ୍କ ଘରୁ ଗୋଟିଏ ପିଠା ପାଇଲେ । ତାହାକୁ ଖାଇବାକୁ ନେଇ ଦୁହିଁଙ୍କ ମଧ୍ୟରେ କଳି ଲାଗିଲା । ଏ କଥାକୁ ଗଛରେ ବସିଥିବା ମାଙ୍କଡ ଦେଖୁଥିଲା । ସେ ଏକ ନିକିତି ଆଣି ପିଠାକୁ ଦୁଇଖଣ୍ଡ କରି ନିକିତିର ଦୁଇ ପାଖରେ ପକାଇଲା । ଯେଉଁ ପାଖଟି ଅଧିକ ହେଲା ତାକୁ ସମତୁଲ କରିବାକୁ ଫୁଲାଏ ଖାଇଦେଲା । ଏମିତି କିଛି ସମୟ ଚାଲିଲା । ମାତ୍ର ଓଜନ ଠିକ୍ ହୋଇପାରିଲା ନାହିଁ । ଭାରି ପାଖରୁ ଫୁଲାଏ ଲେଖାଏଁ ଖାଇ ମାଙ୍କଡ ଦୁଇ ବିଲେଇଙ୍କ ସାମ୍ନାରେ ସବୁ ପିଠାକୁ ଖାଇଦେଲା । ଶେଷରେ କାନମୁଣ୍ଡ ଆଉଁସି ବିଲେଇ ଦୁଇଟି ଫେରିଲେ ଓ ନିଜ ଭିତରେ ଝଗଡାର ଫଳ ପାଇଲେ ।


**ଶାହାଜାହାନଙ୍କ ଜନ୍ମଦିନ ଉପହାର :** ମୋଗଲ ସମ୍ରାଟ ଜାହାଙ୍ଗୀର ତାଙ୍କ ପୁତ୍ର ଖୁରାମ (ପରବର୍ତ୍ତୀ ଅବସ୍ଥାରେ ଶାହାଜାହାନ)ଙ୍କ ପଞ୍ଚଦଶତମ ଜନ୍ମ ଦିବସ ଖୁବ୍ ଧୁମଧାମରେ ମନାଇଲେ । ନିଜର ଉତ୍ତରାଧିକାରୀ ଓ ଭାବୀ ସମ୍ରାଟଙ୍କ ସମ୍ମାନାର୍ଥେ ଏକ ସୁନା ନିକିତିରେ ସୁନା, ରୁପା ଓ ମୂଲ୍ୟବାନ ଧାତୁ ସହିତ ତାଙ୍କ ପୁଅକୁ ଓଜନ କରାଗଲା । ଗୋଟିଏ ପଟ ନିକିତିରେ ତାଙ୍କ ପୁତ୍ର ଶାହାଜାହାନ ଓ ଅନ୍ୟପଟରେ ସମ ଓଜନର ମୂଲ୍ୟବାନ ସୁନା, ରୁପା ଓ ମୂଲ୍ୟବାନ ଧାତୁ । ପରେ ଏହି ସୁନା, ରୁପା ଓ ମୂଲ୍ୟବାନ ଧାତୁକୁ ଗରିବଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ରାଜ ଶିଳ୍ପୀ ମନୋହର ଜାହାଙ୍ଗୀରନାମାରେ ଏହାକୁ ରଙ୍ଗ ଓ ସୁନା ଅକ୍ଷରରେ ଲିପିବଦ୍ଧ କରିଥିଲେ ; ଯାହା ତୁଜକ୍ ଆଇ ଜାହାଙ୍ଗୀର ନାମରେ ପରିଚିତ । ଶାହାଜାହାନଙ୍କୁ ନିକିତିରେ ବସି ଓଜନ ହେବାର ଚିତ୍ର ଏବେ ମଧ୍ୟ ଇତିହାସ ପୃଷ୍ଠାରେ ଦେଖିବାକୁ ମିଳିଥାଏ ।

**ବିଜ୍ଞାନରେ ବସ୍ତୁତ୍ୱ ଓ ଓଜନ :** ସ୍ଥାନ ଓ ଅବସ୍ଥିତିର ପରିବର୍ତ୍ତନରେ ଏକ ବସ୍ତୁର ବସ୍ତୁତ୍ୱର ପରିମାଣ ପୃଥିବୀରେ ସର୍ବଦା ସମାନ ଥିବା ବେଳେ ମାଧ୍ୟାକର୍ଷଣଜନିତ ତ୍ୱରଣ ପ୍ରଭାବରେ ଓଜନର ପରିମାଣ କମ୍ ବେଶି ହୋଇଥାଏ । ପୃଥିବୀର ଆକୃତି ଅନୁସାରେ ଏକ ବସ୍ତୁର ଓଜନ ନିରକ୍ଷବୃତ୍ତ ଓ ମେରୁ ଅଞ୍ଚଳରେ ଅଲଗା ଅଲଗା ହୋଇଥାଏ । ବସ୍ତୁତ୍ୱକୁ ସାଧାରଣ ନିକିତିରେ ମପା ଯାଉଥିବା ବେଳେ ଓଜନକୁ କମାନୀ ନିକିତିରେ ମପାଯାଏ । ବସ୍ତୁତ୍ୱ ଏକ ଅଦିଶ ରାଶି ହୋଇଥିବା ବେଳେ ଓଜନ ଏକ ସଦିଶ ରାଶି । ଓଜନ ଏକ ପ୍ରକାର ବଳ ଭାବରେ ବିବେଚିତ ହୋଇଥାଏ । ବସ୍ତୁତ୍ୱ କେବେ ଶୂନ୍ୟ ହୋଇ ନ ପାରେ । ମାତ୍ର ଓଜନ ଶୂନ ହୋଇପାରେ ।

**ଜ୍ୟୋତିଷ ଶାସ୍ତ୍ରରେ ତୁଳାରାଶି :** ଜ୍ୟୋତିଷ ଶାସ୍ତ୍ରରେ ତୁଳାରାଶିର ଆକୃତି ନିକିତି ପରି । ତୁଳାରାଶି ଜନ୍ମିତ ବ୍ୟକ୍ତିଙ୍କ ଚରିତ୍ର ସମ୍ପର୍କରେ ଅନେକ କଥା ବର୍ଣ୍ଣନା କରାଯାଇଛି । ରାଶିଚକ୍ରର ସପ୍ତମ ରାଶି ହେଉଛି ତୁଳା । ଏହା ଚିତ୍ରା (୧୪), ସ୍ୱାତୀ (୧୫) ଓ ବିଶାଖା (୧୬) ତିନୋଟି ନକ୍ଷତ୍ରରେ ବିଭକ୍ତ । ଏହାର ଗ୍ରହାଧିପତି ଶୁକ୍ର ହୋଇଥିବାରୁ ଏହି ରାଶିରେ ଜନ୍ମିତ ବ୍ୟକ୍ତିମାନେ ସାଧାରଣତଃ ରୋମାଣ୍ଟିକ ମଧ୍ୟ ହୋଇ ଥାଆନ୍ତି । ତୁଳାରାଶିରେ ଜନ୍ମିତ ବ୍ୟକ୍ତିମାନେ ନ୍ୟାୟବନ୍ତ, ଦୟାଳୁ ଓ ପ୍ରକୃତିର ଉପାସକ । ସେମାନେ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ହେଲେ ମଧ୍ୟ ଖୋଲା ହୃଦୟ ଓ ନିଜର କର୍ମ ଦ୍ୱାରା ଅନ୍ୟମାନଙ୍କୁ ଖୁସି ରଖିବାକୁ ଚେଷ୍ଟା କରନ୍ତି । ସେମାନେ ଜୀବନର ସମସ୍ତ କ୍ଷେତ୍ରରେ ମଧ୍ୟମପନ୍ଥୀ ହୋଇ ଥାଆନ୍ତି ।

**ମାପ ଓ ଓଜନ ବିଭାଗ :** ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମାପ ଓ ଓଜନ ବିଭାଗ ରହିଛି । ଓଜନରେ ଗ୍ରାହକଙ୍କୁ ଠକୁଥିବା ବ୍ୟବସାୟୀଙ୍କ ପାଇଁ ଦଣ୍ଡ ବିଧାନ ଓ ଅର୍ଥଦଣ୍ଡର ବ୍ୟବସ୍ଥା ରହିଛି । ଦୋକାନୀମାନେ ବର୍ଷକରେ ଥରେ ସେମାନଙ୍କର ବଟକରା ଓ ଦଣ୍ଡିକୁ ନେଇ ସଂପୃକ୍ତ ବିଭାଗ ପକ୍ଷରୁ ହେଉଥିବା କ୍ୟାମ୍ପରେ ପରୀକ୍ଷା ଓ ସଂଶୋଧନ କରି ଆବଶ୍ୟକୀୟ ନବୀକରଣ ସାର୍ଟିଫିକେଟ୍ ହାସଲ କରି ଥାଆନ୍ତି । ଏହି ସାର୍ଟିଫିକେଟକୁ ବ୍ୟବସାୟୀମାନେ ସେମାନଙ୍କ ବାଣିଜ୍ୟ ପ୍ରତିଷ୍ଠାନରେ ସମସ୍ତେ ଦେଖି ପାରିବା ଭଳି ସ୍ଥାନରେ ଟଙ୍ଗାଇ ଥାଆନ୍ତି ।

**–ଅଶୋକ କୁମାର ପଣ୍ଡା**






# ଅଜବ ହ୍ୟାଣ୍ଡ ବ୍ୟାଗ୍





ହ୍ୟାଣ୍ଡବ୍ୟାଗ୍ ସବୁ ମହିଳାଙ୍କର ପ୍ରିୟ। ଏହା ବିନା ଯେମିତି ସେମାନଙ୍କର ବାହାରକୁ ବାହାରିବା ଅସମ୍ଭବ। ତେଣୁ ବିଭିନ୍ନ ପ୍ରକାର ହ୍ୟାଣ୍ଡବ୍ୟାଗ୍ ରଖିବାରେ ସେମାନଙ୍କର ଥାଏ ଆଗ୍ରହ। ତେବେ ଏମିତି ବି କିଛି ବ୍ୟାଗ୍ ଅଛି, ଯାହାକୁ ଦେଖିଲେ ତାହା ବ୍ୟାଗ୍ ନା ଆଉ କିଛି ଭାବିବାକୁ ପଡେ। ଜାଣନ୍ତୁ ସେମିତି କିଛି ହ୍ୟାଣ୍ଡବ୍ୟାଗ୍ ସମ୍ପର୍କରେ...

**ମନିବ୍ୟାଗ୍ ପର୍ସ:** ବହୁପୂର୍ବରୁ ଏହି ବ୍ୟାଗର ପ୍ରଚଳନ ରହିଆସିଛି। ପୂର୍ବେ ମୁଦ୍ରା ରଖିବାକୁ ବ୍ୟବହାର ହେଉଥିବା ଉକ୍ତ କପଡାର ମୁଣା ସଦୃଶ ବ୍ୟାଗ୍, ଏବେ ବି ରହିଛି। ତେବେ କିଛିଟା ନୂଆ ଲୁକ୍ ଦିଆଯାଉଛି। ଯେମିତି କି ଏହି ବ୍ୟାଗରେ ଥିବା ଦଉଡିକୁ ବାନ୍ଧି ଦେଲେ ଉପର ପଟଟି ଟଙ୍କାଗୁଡିକ ବାହରକୁ ବାହାରି ରହିଥିବା ପରି ଲାଗେ।

**ଲୁଇସ୍ ଭିଟୋନ୍ ଡଗି ହ୍ୟାଣ୍ଡ ବ୍ୟାଗ୍:** ଏହି ବ୍ୟାଗକୁ ଦେଖିଲେ ଅବିକଳ କୁକୁରଟିଏ ଶୋଇଲା ଭଳି ଲାଗେ। ଏହି ବ୍ୟାଗର ଡିଜାଇନର୍ ହେଉଛନ୍ତି ମେରିଲ୍ ସ୍ମିଥ୍।

**ରୁ୍ୟବିକ୍ କ୍ୟୁବ୍ ବ୍ୟାଗ୍:** ବ୍ରାଇଟ୍ କଲର୍ ସ୍କୁଇସି ଫ୍ୟାବ୍ରିକ୍‌ରେ ତିଆରି ଏହି ବ୍ୟାଗ୍ ଦେଖିବାକୁ ଏକ ରୁ୍ୟବିକ୍ କ୍ୟୁବ୍ ପରି। ଯାହାକୁ ଧରିବା ପାଇଁ ବ୍ୟାଗ୍‌ର ଉପର ଭାଗରେ ଚେନ୍ ଲାଗିଥାଏ। ଏହାକୁ କ୍ୟାରୀ କଲେ ପରଫେକ୍ଟ ରେଟ୍ରୋ ଲୁକ୍ ମିଳିଥାଏ।

**ସ୍କଲ୍ ପର୍ସ:** ମଣିଷ ଖପୁରି ଭିତରେ ଥାଏ ମସ୍ତିଷ୍କ। ତେବେ ଏହି ଖପୁରି ଭିତରେ ଆପଣ ରଖିପାରିବେ ନିଜ ପସନ୍ଦର ଆବଶ୍ୟକ ଜିନିଷ। କାରଣ ଖପୁରି ଭଳି ଦେଖାଯାଉଥିବା ଏହି ଜିନିଷଟି ହେଉଛି ଏକ ପର୍ସ। ବେଲଜିୟମ ଡିଜାଇନର୍ ନାତାଲିଆ ବ୍ରିଲି ହେଉଛନ୍ତି ଏହାର ଡିଜାଇନର୍।

**କ୍ୟାମେଲ୍ ଶେପ୍ ବ୍ୟାଗ୍:** ବ୍ୟାଗଟି ଦେଖିବାକୁ ବସିଥିବା ଓଟ ପରି ଲାଗେ। ଚମଡାରେ ତିଆରି ଧୂସର ରଙ୍ଗର ଏହି ବ୍ୟାଗ୍‌କୁ ବିଭିନ୍ନ ରଙ୍ଗିନ ରାଇନ୍‌ଷ୍ଟୋନ୍ ଓ ରଙ୍ଗିନ କପଡାରେ ଏମ୍ବ୍ରୋଡରି କରାଯାଇ ସଜାଯାଇଥାଏ।



**କ୍ୟାସେଟ୍ ଆକାରର ବ୍ୟାଗ୍:** କ୍ୟାସେଟ୍‌ର ଯୁଗ ଚାଲିଗଲାଣି। ହେଲେ ଏବେ ବି ତାହା ସଭିଙ୍କ ମାନସପଟରେ ଜୀବିତ ଅଛି। ଆଉ ତାକୁ ନେଇ ବିଭିନ୍ନ ଜିନିଷ ବି ତିଆରି ହେଉଛି। ଠିକ୍ ଯେମିତି ଏହି ହ୍ୟାଣ୍ଡ ବ୍ୟାଗ୍। ଏହା ଦେଖିବାକୁ ଏକ ବଡ କ୍ୟାସେଟ୍ ଭଳି। ଏହାର ହ୍ୟାଣ୍ଡେଲକୁ ଏଭଳି ତିଆରି କରାଯାଇଛି ଯେ ଦେଖିଲେ ଲାଗେ କ୍ୟାସେଟ୍ ଭିତରୁ ରିଲ୍ ବାହାରି ଆସିଛି। ସମସ୍ତଙ୍କଠୁ ଭିନ୍ନ ଲାଗିବା ପାଇଁ ଏହି ବ୍ୟାଗ୍ ବେଶ୍ ପ୍ରଯୁଜ୍ୟ।

**ରଗ୍‌ବୀ ଆକାରର ବ୍ୟାଗ୍:** ସତସତିକା ରଗ୍‌ବୀ ବଲ୍ ପରି ଦେଖାଯାଏ ଏହି ବ୍ୟାଗ୍। ଏଥିରେ ହୋଇଥିବା ଲେଦର୍‌ର ଷ୍ଟିଚ୍ ଏହାକୁ ବୋଲ୍ଡ ଲୁକ୍ ଦେଇଥାଏ।

**ବାଦୁଡି ପରି ବ୍ୟାଗ୍:** ଏହା ଏକ ଛୋଟିଆ ସୁନ୍ଦର ବ୍ୟାଗ୍। ବ୍ୟାଗ୍‌ଟିକୁ ଦେଖିଲେ ଲାଗେ ସୁନ୍ଦର ବାଦୁଡିଟିଏ ହସୁଛି। ଏହାକୁ ଆପଣ କ୍ରସ୍ ବଡି ବ୍ୟାଗ୍ ଅବା କ୍ଲଚ୍ ଭାବେ ବ୍ୟବହାର କରିପାରିବେ।


**କୁକୁଡା ଆକୃତିର ବ୍ୟାଗ୍:** କୁକୁଡା ପରି ଦେଖାଯାଉଥିବା ଏହି ବ୍ୟାଗ୍‌କୁ ଚିକେନ୍ ହ୍ୟାଣ୍ଡବ୍ୟାଗ୍ ବି କୁହାଯାଉଛି। ଏହାକୁ କ୍ୟାରୀ କଲେ ସମସ୍ତଙ୍କ ନଜର ଆପଣଙ୍କ ଉପରେ ନିଶ୍ଚୟ ପଡିବ। ଏହାର ଲୁକ୍ ଖାସ୍। ଆଉ ଏଥିରେ ପକେଟ୍ ବି ବହୁତ ସ୍ପେସିଅସ୍।

**କମ୍ପ୍ୟୁଟର୍ କି'ବୋର୍ଡ:** ଏହା ଆଉ ଏକ ଅଜବ ଓ ବେଶ୍ ଆକର୍ଷକ ହ୍ୟାଣ୍ଡବ୍ୟାଗ୍। ଯାହା ଦେଖିବାକୁ କମ୍ପ୍ୟୁଟର୍‌ର କି'ବୋର୍ଡ ପରି। କୌଣସି କମ୍ପ୍ୟୁଟର ସେଭି ବନ୍ଧୁଙ୍କୁ ଏହି ବ୍ୟାଗ୍ ଉପହାର ସ୍ୱରୂପ ଦେଇପାରିବେ।














# ଯୁବପୀଢ଼ୀର ଲେଖିକା








ଜଣେ ଆଡ୍‌ଭର୍ଟାଇଜର ଭାବରେ କ୍ୟାରିଅର ଆରମ୍ଭ କରିଥିବା ଝିଅ ଯେ, ଭାରତୀୟ ସାହିତ୍ୟକୁ ଏକ ନୂତନ ଦିଶା ଦେବାରେ ସମ୍ଭବ ହେବ – ସେକଥା ହୁଏତ ଗୋଟିଏ ସମୟରେ କଳ୍ପନାତୀତ ଥିଲା। ମାତ୍ର ତାହାକୁ ଶତ ପ୍ରତିଶତ ସତ୍ୟରେ ରୂପାନ୍ତରିତ କରିଛନ୍ତି ଅନୁଜା ଚୌହାନ। ସାମ୍ପ୍ରତିକ ଭାରତୀୟ ଇଂରାଜୀ ସାହିତ୍ୟରେ ଯେଉଁ କେତେଜଣ ଲେଡ଼ି ଲେଖିକାଙ୍କୁ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରାଯାଇଥାଏ ସେମାନଙ୍କ ମଧ୍ୟରୁ ଅନୁଜା ହେଉଛନ୍ତି ଅନ୍ୟତମ। କେହିକେହି ତାଙ୍କୁ କର୍ପୋରେଟ୍ ଲେଖିକା ବୋଲି କହିଥାନ୍ତି। କାରଣ କର୍ପୋରେଟ୍ ଜଗତର କାହାଣୀ ତାଙ୍କ ଉପନ୍ୟାସ ସବୁରେ ପ୍ରତିଫଳିତ ହୋଇଥାଏ। ତେବେ ବାସ୍ତବରେ ତାଙ୍କର କାହାଣୀ ଭାରତୀୟ ସମାଜର ବର୍ଗୀକରଣକୁ ବହୁଭାବରେ ପ୍ରତିନିଧିତ୍ୱ କରିଥାଏ। ବିଶେଷକରି ଯୁବପୀଢ଼ୀର ସ୍ୱପ୍ନ ସମ୍ଭାବନା ହେଉଛି ତାଙ୍କ ସାହିତ୍ୟର ଏକ ମୁଖ୍ୟ ବିଭବ।

**ଜିଙ୍ଗଲ୍‌ରୁ ସାହିତ୍ୟ :** ଅନୁଜାଙ୍କ କ୍ୟାରିଅର ଆରମ୍ଭ ହୋଇଥିଲା ଜଣେ ଜିଙ୍ଗଲ ଲେଖିକା ଭାବରେ। ସେ ବିଜ୍ଞାପନ ପାଇଁ ଜିଙ୍ଗଲ ଲେଖିବା ଆରମ୍ଭ କରିଥିଲେ। ପେପ୍‌ସୀ, କୁରକୁରେ, ମାଉଣ୍ଟେନ୍ ଡିଓ, ନୋକିଆ ଆଦି ବହୁ ପ୍ରଡକ୍ଟ ପାଇଁ ସେ ଜିଙ୍ଗଲ ତଥା ଲୋକପ୍ରିୟ ଟ୍ୟାଗ୍ ଲାଇନ୍ ପ୍ରସ୍ତୁତ କରିଛନ୍ତି।

**ଜନ୍ମ ଓ ପରିବାର :** ୧୯୭୦ ମସିହାରେ ମିରୁଟ୍‌ର ଏକ ରାଜପୁତ୍ ପରିବାରରେ ଅନୁଜାଙ୍କର ଜନ୍ମ। ବାପା ଥିଲେ ଜଣେ ସେନାଧୀକାରୀ। ତାଙ୍କ ବାପା ଲେଫ୍‌ନାଣ୍ଟ କଲୋନେଲ ଭାବରେ ଭାରତୀୟ ସେନାବାହିନୀରେ କାର୍ଯ୍ୟ କରୁଥିଲେ। ରୟାଲ ମେଲବର୍ଣ୍ଣ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜୀରୁ ଅନୁଜା ମାସ୍ କମ୍ୟୁନିକେସନ୍‌ରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ହାସଲ କରିଛନ୍ତି। ୧୯୯୩ରେ ସେ ପ୍ରଥମଥର ପାଇଁ ବିଭିନ୍ନ ବିଜ୍ଞାପନ ଏଜେନ୍ସୀ ପାଇଁ କାମ କରିବା ଆରମ୍ଭ କରିଥିଲେ। ତେବେ ତାଙ୍କର ପ୍ରଥମ ପ୍ରେମ ଥିଲା ସାହିତ୍ୟ। ସେ ବିଜ୍ଞାପନ ପାଇଁ ଜିଙ୍ଗଲ ତଥା ଟ୍ୟାଗ୍‌ଲାଇନ୍ ଲେଖି ପ୍ରଚୁର ଅର୍ଥ ତ ରୋଜଗାର କରିପାରୁଥିଲେ। ହେଲେ ଏଥିରେ ତାଙ୍କ ମନକୁ ଶାନ୍ତି ମିଳୁ ନଥିଲା। ସେଥିଲାଗି ସେ ବିଜ୍ଞାପନରୁ ଓହରି ଆସିବାର ନିଷ୍ପତ୍ତି ନେଲେ। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କାରଣ ଯେତେବେଳେ ବିଜ୍ଞାପନ ରଚନା ଜଗତରେ ସେ ଶୀର୍ଷରେ ଥିଲେ ତଥା ତାଙ୍କର ସଫଳତା ଥିଲା ଆକାଶଛୁଆଁ ଠିକ୍ ସେତିକିବେଳେ ହିଁ ସେ ସେଠାରୁ ଫେରିଆସିଲେ ପଛକୁ। କାରଣ ତାଙ୍କର ଉଦ୍ଦେଶ୍ୟ ଥିଲା ସେ ଜଣେ ଫୁଲ୍‌ଟାଇମ୍ ଲେଖିକା ହେବେ।





**କ୍ରିକେଟ୍‌କୁ ନେଇ ସାହିତ୍ୟ :** ଅନୁଜା ଥିଲେ ଜଣେ ମୁକ୍ତ ମାନସିକତାର ଝିଅ। ତାଙ୍କର ନିଷ୍ପତ୍ତି ଉପରେ ଅନ୍ୟ କେହି ହସ୍ତକ୍ଷେପ କରୁ ନଥିଲେ। ତେଣୁ ସେ ଯେତେବେଳେ ଲେଖିକା ହେବାକୁ ଚାହିଁଲେ ତାଙ୍କୁ କେହି ପ୍ରତିରୋଧ କରି ନଥିଲେ। ଅଧିକନ୍ତୁ ପରିବାର ପକ୍ଷରୁ ତାଙ୍କୁ ଉତ୍ସାହିତ କରାଯାଇଥିଲା। କ୍ରିକେଟ୍ ଥିଲା ତାଙ୍କର ପ୍ରଥମ ଉପନ୍ୟାସର ବିଷୟ। ଉପନ୍ୟାସର ଶୀର୍ଷକ ଥିଲା 'ଦି ଜୋୟା ଫ୍ୟାକ୍ଟର'। ଏହା ତାଙ୍କୁ ରାତାରାତ ପ୍ରସିଦ୍ଧ କରିଦେଇଥିଲା।

**ବ୍ୟକ୍ତିଗତ ଜୀବନ :** ଭାରତୀୟ ଟେଲିଭିଜନ ଦୁନିଆର ଜଣେ ଜଣାଶୁଣା ଟେଲିଭିଜନ୍ ପ୍ରେଜେଣ୍ଟର ତଥା ପ୍ରଡ୍ୟୁସର ନିରେଟ୍ ଆଲଭାଙ୍କୁ ବିବାହ କରିଥିଲେ ଅନୁଜା। ନିରେଟ୍ ଆଲଭାଙ୍କର ଏକ ବଡ଼ ପରିଚୟ ହେଲା ସେ ସୋନୀଟିଭିରେ ପ୍ରସାରିତ ବହୁ ଲୋକପ୍ରିୟ ରିୟଲିଟି ଶୋ 'ଇଣ୍ଡିଆନ୍ ଆଇଡଲ' ଏବଂ ଷ୍ଟାର ପ୍ଲସ୍‌ର 'ପର୍ଫେକ୍ଟ ବ୍ରାଇଡ୍' ଶୋ'ର ପ୍ରଯୋଜକ। ଦିଲ୍ଲୀରେ ଅନୁଷ୍ଠିତ ଏକ କଲେଜ୍ ଡ୍ରାମା ଅବସରରେ ପରସ୍ପରକୁ ଭେଟିଥିବା ଅନୁଜା ଓ ନିରେଟ୍‌ଙ୍କର ଦୁଇଝିଅ ହେଉଛନ୍ତି ନିହାରିକା ମାର୍ଗାରେଟ୍, ନୟନତାରା ଭାୟୋଲେଟ୍ ଏବଂ ପୁଅ ଦୈବିକ ଜନ୍।

## ପୁସ୍ତକ ସମୀକ୍ଷା




### ସଂଭାବନାର ସକାଳ


**କବି : ତପନ ମାଝୀ**


ଫକୀର ମୋହନ ସାହିତ୍ୟ ପରିଷଦ ପକ୍ଷରୁ ପ୍ରକାଶ ପାଇଛି ଏକ ସଦ୍ୟତମ କବିତା ସଂକଳନ 'ସଂଭାବନାର ସକାଳ'। ଏହାର କବି ହେଉଛନ୍ତି ତପନ ମାଝୀ। ଏଥିରେ ରହିଛି ମୋଟ୍ ୪୫ଟି କବିତା। କବିତାଗୁଡ଼ିକ ନାତିଦୀର୍ଘ ଓ ବେଶ୍ ବୋଧଗମ୍ୟ। ଆଖିଦେଖା କଥା, ନୀତି ମିଳାମିଶା କରୁଥିବା ଚରିତ୍ର ସବୁକୁ ନିଜ କବିତାର ଚରିତ୍ର ଭାବରେ ଗ୍ରହଣ କରିଛନ୍ତି କବି। ସଂକଳନସ୍ଥ ପ୍ରଥମ କବିତା ହେଉଛି 'ରେ କାହ୍ନୁ'। ଏହି କବିତାରେ କବି ଏକ ସାମ୍ପ୍ରଦାୟିକ ବିଦ୍ୱେଷର ବିନାଶ ନିମନ୍ତେ ସ୍ୱପ୍ନ ଦେଖିବା ସହିତ ଆହ୍ୱାନ ବି ଦେଇଛନ୍ତି। କବିଙ୍କର କବିତା ପଙ୍‌କ୍ତିଗୁଡ଼ିକ ବେଶ୍ ସରଳ। ଗୋଟିଏ ଦୃଷ୍ଟାନ୍ତ ନିଆଯାଉ। 'ଜେଜେଙ୍କ ଚଷମା/ଅସିଆ କାଳର ମସିହା ସ୍ମୃତିକୁ ଜାବୁଡ଼ି ଧରିଥିବା/ଭୁଲ ଠିକ୍‌କୁ ବାଟ ଦେଖାଉଥିବା ହାତେ ମାପି ଚାଖଣ୍ଡେ ଚାଲିବାର କଥା କୁହା ସୁରକ୍ଷାର ମାପକାଠି (ଜେଜେଙ୍କ ଚଷମା)। ସଂକଳନଟି ପାଠକାଦୃତ ହେବ ବୋଲି ଆଶା।

### ନିଃସର୍ତ୍ତ ସନ୍ଧି

**ଗାଳ୍ପିକା : ମିନତୀ ସାହୁ**

'ନିଃସର୍ତ୍ତ ସନ୍ଧି' ଏକ ଗଳ୍ପ ସଂକଳନ। ଏହାର ଗାଳ୍ପିକା ହେଉଛନ୍ତି ମିନତୀ ସାହୁ। ବିଜୟିନୀ ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶିତ ଏହି ଗଳ୍ପ ସଂକଳନରେ ମୋଟ୍ ରହିଛି ୨୬ଟି ଗଳ୍ପ। ନାରୀ ମନର ଅବ୍ୟକ୍ତ ବେଦନା, ଅସହ୍ୟ ଯନ୍ତ୍ରଣା ଆଉ ଅପ୍ରକାଶ୍ୟ ଅନୁଭୂତିର ଅଭିବ୍ୟକ୍ତିକୁ ବେଶ୍ ମଞ୍ଜୁଳ ଭାବରେ ବର୍ଣ୍ଣନା କରିଛନ୍ତି ଗଳ୍ପ ସବୁରେ। ପ୍ରତ୍ୟେକ ଗଳ୍ପର ଚରିତ୍ର ବେଶ୍ ପରିଚିତ। ପଢ଼ିଲେ ଲାଗେ ଯେମିତି କୋଉଠି ନା କୋଉଠି ଆମେ ତାକୁ ଭେଟିଛେ। ସେଥିଲାଗି ଗଳ୍ପଗୁଡ଼ିକ ବେଶ୍ ପଠନୀୟ ହୋଇ ପାରିଛି।







## ଏତିକି ବହୁତ...

**– ସତ୍ୟାନନ୍ଦ ନାୟକ**

ଲକ୍ଷେ କଥା କହୁଥିବା ତୋ ନୀରବତା
ସେ ନୀରବତାର ସୁରିଲା ଝଙ୍କାର
ତୋ ନୀରିହ ପଣ,
ଆଉ ମନରେ ଭରି
ଦେଉଥିବା ଶୀତଳତା..

ତୁ ଏମିତି ବାସ୍ ଚୁପ୍ ରହ
ଦୂରେ ହେଉ ପଛେ, କିଛି ତୋ ମୋ
ନିଜର..

ମୋ ମନରେ ଆତ୍ମାରେ
ତୁ ମୋର ମୁଁ ତୋର
ସେଠି ଆମେ ସଦା ଏକ୍
କିଛି ଲୋଡୁନି
ବାସ୍ ଏତିକି ବହୁତ....

– ଜନ୍ତାରୀବୋଲ, କାମାକ୍ଷାନଗର,
ଢେଙ୍କାନାଳ

## ଭଙ୍ଗା ଆଇନା

**– ଶ୍ରୀନିବାସ ଶତପଥୀ**

ବିଚ୍ଛୁରିତ କାଚଖଣ୍ଡ ମୁଁ
କେଉଁ ଏକ ଭଙ୍ଗା ଆଇନାର
ଯୋଡ଼ିବାକୁ ଚେଷ୍ଟାକଲ
ଆଣିବାକୁ ପୂର୍ଣ୍ଣ କଳେବର ॥
ଯୋଡ଼ି ତ ପାରିଲିନି
ଅଠାଦେଇ ସଜାଡ଼ି ରଖିଲ,
ବୋଝ ଉପରେ ନଳିତା ବିଡ଼ା
ଆହୁରି ଲଦିଦେଲ ॥
ବିଛାଡ଼ି ପଡ଼ିଥିଲା ବେଳେ
ଜଣେ ବି ଦେଖି ନ ଥିଲେ
ଦେଇ ନଥିଲେ ତାଚ୍ଛଲ୍ୟ ଟିପ୍‌ପଣୀ
ସଜାଡ଼ି ଦେଲାପରେ
ସମସ୍ତେ ଦେଖିଲେଣି
କିନ୍ତୁ
ଅପବାଦ ବିଦ୍ରୁପରେ
ମନେମନେ ମୁଁ ଜଳିଗଲିଣି
ଜଳିଗଲା ବେଳେ
କରିଥିଲି ତୁମକୁ ଆଶରା
ପାଣିମୁନ୍ଦେ ପାଇବାର ନେଇ
ମିଳିଲାନି ପାଣି, ମିଳିଲାନି ଆଶ୍ରା
ଦେଖିବା ବେଳକୁ...
ତମରାସ୍ତା ତମେ ଧରିନେଲଣି ॥
ସେଥିପାଇଁ ଆଜି ବି ଚାହୁଁଛି
ପୁନର୍ବାର ଭାଙ୍ଗିଯିବା ପାଇଁ
କିନ୍ତୁ ପାରୁନାହିଁ
ତମ ପଥର କାନ୍ଥରେ
ପୋତାଥିବା କଣ୍ଟାକୁ ଛିଣ୍ଡାଇ ॥

– ସେକ୍ଟର ୯, ସିଡିଏ, କଟକ

## ପୁନଶ୍ଚ ପଦ୍ମଗନ୍ଧା

**ସ୍ୱାଗତିକା ନାୟକ**

'ଏଇ ଚା ନିଅ!!' ସେ ମୋତେ ଦେଖି ହସିଦେଲେ। ଖୁବ୍ ନିଆରା ସେ ହସ। ବୋଧହୁଏ ଦୀର୍ଘ କୋଡିଏ ବର୍ଷ ପରେ ହସୁଥିଲେ ମୋତେ ଦେଖି। ଆଶ୍ଚର୍ଯ୍ୟରେ ପଚାରିଲି କ'ଣ ହେଲା ?

: ବହୁତ କିଛି। ସେ କହିଲେ।

: ବହୁତ କିଛି ମାନେ ? ପଚାରିଲି ମୁଁ।

: ଭାରି ଇଚ୍ଛା ହେଉଛି...

ଏତିକି କହି ଅଟକି ଗଲେ ସେ। ମୁଁ ଟିକେ ଡରିଗଲି, ଏଇ କିଛି ବର୍ଷ ହେଲା ସେ ଗୁମ୍‌ସୁମ୍ ହୋଇଯାଇଛନ୍ତି। ଯଦିଓ ତାଙ୍କ ହସ ମୋ ପାଇଁ ଶୁଭ ସୂଚନା ଥିଲା। ତାଙ୍କର ସମସ୍ତ ଇଚ୍ଛା ପୂରଣ କରିବାକୁ ମୁଁ ପ୍ରତିଜ୍ଞା କରିଥିଲି। ତେଣୁ ପଚାରିଲି– କ'ଣ ତୁମର ଇଚ୍ଛା ହେଉଛି କୁହ ମୁଁ ନିଶ୍ଚୟ ପୂରଣ କରିବି।

: ସତ କହୁଛ ?

: ହଁ, ତମ ପାଇଁ ମୁଁ କିଛି ବି କରିପାରେ। ଥରେ କହିକି ଦେଖ।

: ତେବେ ତମେ ମୋ ପାଇଁ ପଦ୍ମଗନ୍ଧା ହେଇଯାଅ। ସେ କହିଲେ।

: ସତେକି ଖସିପଡିବି ମୁଁ ଆକାଶରୁ। ଆଶ୍ଚର୍ଯ୍ୟରେ ଚାହିଁଲି ତାଙ୍କୁ।

: ଏମିତି କ'ଣ ଦେଖୁଛ ? ସେ କହିଲେ।

: ତମ ଦେହ ଭଲ ଅଛି ତ ?

: କାଇଁ ମୋର କ'ଣ ହେଇଛି କି ?

: କ'ଣ ୟାଡୁସ୍ୟାଡୁ କହୁଛ। ଦେଖ ମୁଁ ଡକ୍ଟରଙ୍କୁ ଫୋନ୍ କରି ଡକେଇ ଦେଉଛି। ଫୋନ୍ କରୁକରୁ ଫୋନ୍ ଛଡାଇନେଇ କହିଲେ : ଲୁଇସ୍, ମୋ ପାଖରେ ବସ। ସେ ମୋତେ ଆଦରରେ ଲୁଇସ୍ ଡାକନ୍ତି। ଏଇ ଡାକ ପଦକ ଶୁଣିବାକୁ ଅନେକ ଦିନ ହେବ ଚାହିଁ ବସିଥିଲି। ସେ ମୋ ହାତ ଧରି ପାଖରେ ବସେଇ କହିଲେ : ତମକୁ ଏ ଦୁନିଆର ସବୁ ଖୁସି ଦେବାକୁ ମୋ ପାଖକୁ ଆଣିଥିଲି। ହେଲେ ଦୁଃଖ ଛଡା ତମକୁ ଦେଲି କ'ଣ ?

: ସେମିତି କୁହନି ତମେ। ମୋତେ ବହୁତ କିଛି ଦେଇଛ। ମୁଁ କହିଲି ।

: କିଛି ବି ତ ଦେଇପାରିନି ? ଏଇ ଗୋଟେ ଅବସୋସ ନେଇ ମୁଁ...

ସେ କିଛି କହିବା ଆଗରୁ ମୁଁ ତାଙ୍କ ପାଟିରେ ହାତ ଦେଇ କହିଲି : ତମେ ମୋତେ ଯାହା ଦେଇଛ ସେଥିରେ ମୋ ନାରୀ ଜୀବନ ସାର୍ଥକ ହୋଇଛି।

: ଲୁଇସ୍ !!

: ଅବସୋସ କହି ମୋତେ କଷ୍ଟ ଦିଅନି!

:ସତ କହୁଚ ଲୁଇସ୍ ?

: ହଁ, ତମେ ମୋ ପାଖରେ ଥିଲେ ଦୁଃଖ ବୋଲି କିଛି ନ ଥାଏ। ପିଲାମାନେ ଯିଏ ଯାହା ବାଟରେ ଛାଡିକି ଗଲେ। ଟିକେ ବି କଷ୍ଟ ହେଇନି। କାହିଁକି ଜାଣିଛ ? ତମେ ମୋ ପାଖରେ ଅଛ। ତମେ ମୋ ବଞ୍ଚିବାର ଆୟୁଧ। ତମେ ଚୁପ ହୋଇଗଲ ଯେ ! କିଛି କହିବନି ? ମୁଁ ପଚାରିଲି।

: ଭାବୁଥିଲି... ! ସେ କହିଲେ।

: କ'ଣ ?

: ତପନ ଆଉ ପଦ୍ମଗନ୍ଧା ପୁଣିଥରେ ପ୍ରେମରେ ପଡିବେ।

: ଧେତ୍ !! ନା ସବୁବେଳେ ସେମିତି।

:କୁହନା ତମ ତପନ ପାଇଁ ତମେ ଆଉଥରେ ପଦ୍ମଗନ୍ଧା ହେବନା ! ସେ ପଚାରିଲେ ।

: ତମ ପାଇଁ କେବଳ ଏ ଜନ୍ମ କ'ଣ ସବୁଜନ୍ମରେ ମୁଁ ପଦ୍ମଗନ୍ଧା ହେବାକୁ ଚାହେଁ।

: ତେବେ ତମେ ଟିକେ ଆଖି ବନ୍ଦକର ।

ସେ କହିଲେ। ମୁଁ ଆଖି ବନ୍ଦକଲି। ସେ କିଛି ଗୋଟେ ମୋ ଗଭାରେ ଖୋସିବାର ଅନୁଭବ କଲି । ଏବେ ଆଖି ଖୋଲ। ମୋ ସାମ୍ନାରେ ଦର୍ପଣ। ଏ କ'ଣ ? ସେ ମୋ ଗଭାରେ ପଦ୍ମଟିଏ ଖୋସି ଦେଇଛନ୍ତି।

ଲୋଟି ପଡିଲି ତାଙ୍କ ଛାତିରେ। ଆଉ ଅନୁଭବ କଲି ମୁଁ ପୁନଶ୍ଚ ପଦ୍ମଗନ୍ଧା ପାଲଟିଯାଇଛି।

– କମଳାଦେଇପୁର, ନୁଖାପଡା,
ନରସିଂହପୁର, କଟକ



# ଆଉ ଜଣେ ଷ୍ଟାର କିଡ୍

ପ୍ରଯୋଜକ ସାଜିଦ ନାଦିଓ୍ୱାଦଓ୍ୱାଲା ଆଉ ଜଣେ ଷ୍ଟାର କିଡ୍‌ଙ୍କୁ ବଲିଉଡ୍‌ରେ ସୁଯୋଗ ଦେଇଛନ୍ତି। ସେ ହେଲେ ସୁନୀଲ ସେଟ୍ଟିଙ୍କ ପୁଅ ଅହାନ। ସୁପରହିଟ୍ ତେଲୁଗୁ ସିନେମା 'ଆର ଏକ୍ସ ହଣ୍ଡ୍ରେଡ'ର ହିନ୍ଦୀ ରିମେକ୍ କରୁଛନ୍ତି ସାଜିଦ। ନିଜର ଏଭଳି ସୁଯୋଗ ସମ୍ପର୍କରେ ଅହାନ କହନ୍ତି, ''ମୋର ପ୍ରଥମ ଫିଲ୍ମଟି ରିମେକ୍ ହେଲେ ମଧ୍ୟ ଏହାକୁ ଭିନ୍ନ ଢଙ୍ଗରେ ଉପସ୍ଥାପନା କରାଯିବ। କାହାଣୀ ବଳିଷ୍ଠ ଏବଂ ମୋତେ ଯେଉଁ ଭୂମିକା ମିଳିଛି ତାହାକୁ ନେଇ ମୁଁ କେତେ ଖୁସି ତାହା ବର୍ଣ୍ଣନା କରିପାରିବି ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରହିଛି। ତେଣୁ ଏହି ଫିଲ୍ମରେ ନିଜ ଦାୟିତ୍ୱ ଠିକ୍ ଭାବରେ ତୁଲାଇବି ବୋଲି ଆଶା ରଖିଛି।'' ଫିଲ୍ମର ପ୍ରାରମ୍ଭିକ କାମ ଚାଲିଛି ଏବଂ ଆସନ୍ତାବର୍ଷ ମେ'ରେ ଏହା ରିଲିଜ ହେବ।


ଅହାନ୍


ସଞ୍ଜୟ

# ଗିମିକ ମାଷ୍ଟରଙ୍କ ଲଭ୍ ଫର୍ମୁଲା

ଥରେ ମନେପକାନ୍ତୁ ନା କଟା ହାତ, କଙ୍କଡ଼ା ବିଛା, ଗାଈ ପରି ଗିମିକ ସିକ୍ୱେନ୍ସକୁ ! ନିର୍ଦ୍ଦେଶକ ସଞ୍ଜୟ ନାୟକଙ୍କୁ ଏସବୁ ବେଶ୍ ମାଇଲେଜ ଦେଇଥିଲା। 'ରାଖୀ ବାନ୍ଧିଲି ମୋ ରଖିବ ମାନ'ରୁ ଆରମ୍ଭ ହୋଇଥିଲା ନିର୍ଦ୍ଦେଶନା । ତା'ପରେ 'ବାବୁ ଆଇ ଲଭ୍ ୟୁ', 'ରକତ କହିବ କିଏ କାହାର', 'ମତେ ଆଣି ଦେଲ ଲକ୍ଷେ ଫଗୁଣ', 'ମେଘ ସବାରିରେ ଆସିବ ଫେରି', 'ଛାତିରେ ଲେଖିଛି ତୋରି ନାଁ', 'ଶ୍ୱଶୁର ଘର ଜିନ୍ଦାବାଦ', 'ଭାଇନା କ'ଣ କଲା ସେ' ଆଦି ୩୩ଟି ସିନେମାର ନିର୍ଦ୍ଦେଶନା ଦେଇସାରିଛନ୍ତି। ଏବେ ତାଙ୍କୁ ନେଇ ଚର୍ଚ୍ଚା। ଏଭଳି ଆଲୋଚନାର କାରଣ ସାଜିଛି ତାଙ୍କର ଲଭ୍ ଫର୍ମୁଲା। ଅର୍ଥାତ୍, ଏକ ନିଆରା ଲଭ୍ ଫର୍ମୁଲା ଖୋଜି ପାଇଛନ୍ତି ସେ, ଯାହାକୁ ଆପ୍ଲାଏ କଲେ ଆପଣ ପ୍ରେମରେ ଶତ ପ୍ରତିଶତ ସଫଳ ହୋଇପାରିବେ। ପ୍ରେମକୁ ଯଦି ପରୀକ୍ଷା ଭାବରେ ନିଅନ୍ତି ତେବେ କିଛି ପରବାୟ ନାହିଁ। ଏପରି ଫର୍ମୁଲା ଠିକ୍ ଭାବରେ ଆପଣେଇପାରିଲେ ପ୍ରେମରେ ଶହେକୁ ଶହେ ରଖି ପାରିବେ। ହଁ, ସଞ୍ଜୟଙ୍କ ନିର୍ଦ୍ଦେଶନାରେ ଶୁଟିଂ ଚାଲିଥିବା ଏହି ଫିଲ୍ମର ଶୀର୍ଷକ ରହିଛି 'ପ୍ରେମରେ ରଖିଚି ଶହେ ରୁ ଶହେ'। ଏକ ହଠାତ୍ ପରିସ୍ଥିତିରେ ଜଣେ ଯୁବକ କିପରି ପ୍ରେମରେ ପଡିଯାଉଛି ଆଉ ସେହି ଦିନତମାମ ଏହି ପ୍ରେମରେ କ'ଣ ଉତ୍ଥାନ ପତନ ହେଉଛି ତାହାକୁ ଆଧାର କରି କାହାଣୀ ଗତିଶୀଳ। ରାସେଶ୍ୱରୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ବିରଞ୍ଚି ନାରାୟଣ ପଣ୍ଡା, ଦିଲୀପ ଦାସ, ସଚ୍ଚିକାନ୍ତ ଜେନା ଏବଂ ବିନ୍ନି ପଟ୍ଟନାୟକ। କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ଏକାଠି ହୋଇଛନ୍ତି ସ୍ୱର ସଂଯୋଜକ ମଳୟ ମିଶ୍ର ଏବଂ ନିର୍ଦ୍ଦେଶକ ସଞ୍ଜୟ। ଏହି ଯୋଡ଼ି ଦ୍ୱାରା ପ୍ରସ୍ତୁତ ଚଳଚ୍ଚିତ୍ରଗୁଡିକ ପୂର୍ବରୁ ମ୍ୟୁଜିକାଲ ହିଟ୍ ହୋଇସାରିଛି। 'ଏହି ଫିଲ୍ମରେ ପ୍ରେମକୁ ଏକ ନିଆରା ଢଙ୍ଗରେ ଉପସ୍ଥାପନା କରାଯାଇଛି। ଏଥିରେ ମଳୟଙ୍କ ଗୀତ ଦର୍ଶକଙ୍କ ପାଇଁ ମୁଖ୍ୟ ଆକର୍ଷଣ ହେବ ବୋଲି କହନ୍ତି ନିର୍ଦ୍ଦେଶକ। ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଜ୍ୟୋତି ନାୟକ ଏବଂ ରିୟା। ଖାସ୍ କଥା ହେଲା, ଏଥିରେ ଏହି ଯୋଡ଼ି ଡବଲ ରୋଲ୍‌ରେ ଅଭିନୟ କରିଛନ୍ତି। ତେବେ ଓଡ଼ିଆ ସିନେମା ଜଗତର ଗିମିକ ମାଷ୍ଟର ଭାବରେ ପରିଚିତ ସଞ୍ଜୟଙ୍କ ଏହି ଫିଲ୍ମରେ କି ମସଲା ରହିଛି ତାହା ଚିତ୍ରଟି ପରଦା ଉପରକୁ ଆସିଲେ ହିଁ ଜଣାପଡ଼ିବ।

# ଲାଜୁଆ ରଣବୀର

ରଣବୀର, ପୁଣି ଲାଜୁଆ ! ଅନେକେ ହୁଏତ ଏହାକୁ ସହଜରେ ଗ୍ରହଣ କରି ନ ପାରନ୍ତି। ହେଲେ ସେ ଗୋଟିଏ କଥାରେ ଭାରି ଲାଜୁଆ। ଏଭଳି ଶଟ୍‌ଟିଏ ଦେବାକୁ ସେ ଝାଳରେ ଗାଧୋଇ ପଡ଼ନ୍ତି। ଜିନିଷଟି କ'ଣ ଜାଣନ୍ତି ? କିସ୍। କିସ୍ ଶଟ୍ ଦେବାକୁ ସବୁବେଳେ ଲାଜ କରିଥାଆନ୍ତି ଏହି ଲଭରବୟ। ନିକଟରେ କହୁ କହୁ ନିଜ ରିଲ୍ ଲାଇଫର ଏଭଳି ମଜାଦାର କଥା ବିଷୟରେ ସୂଚନା ଦେଇଥିଲେ ରଣବୀର। ଏ ବିଷୟରେ ସେ କହନ୍ତି, ''ସତ କଥା କହିବାକୁ ଗଲେ ମୋତେ କ୍ୟାମେରା ସାମ୍‌ନାରେ ଲିପ୍-ଲକ୍ ଶଟ୍ ଦେବାକୁ ଭାରି ଲାଜ ଲାଗେ। ଯେଉଁ କେତୋଟି ସିନେମାରେ ଏଭଳି ଶଟ୍ ଦେଇଛି ସେ ସମୟରେ ମୋ ଅବସ୍ଥା ଯାହା ହୋଇଛି ମୁଁ ଜାଣେ। କାହାଣୀ ସହ କିସ୍ ଶଟ୍‌ର ସଂଯୋଗ ନ ଥିଲେ ମୁଁ ଏଥିପାଇଁ ଆଦୌ ରାଜି ହୋଇ ନ ଥାଏ।'' କେବଳ ସେତିକି ନୁହେଁ, କୌଣସି ଫିଲ୍ମ ସାଇନ କରିବା ପୂର୍ବରୁ ସ୍କ୍ରିପ୍ଟ ପଢ଼ିବାକୁ ସେ ମାସାଧିକ ସମୟ ନେଇଥାଆନ୍ତି। ଯୁକ୍ତିଯୁକ୍ତ ନ ଥିଲେ କାହାଣୀ କିମ୍ବା ଚିତ୍ରନାଟ୍ୟରେ ସେ ଆଦୌ ହସ୍ତକ୍ଷେପ କରନ୍ତି ନାହିଁ।


ରଣବୀର


ରାଧିକା

# ଓଜନ ସମସ୍ୟା

ଛୋଟ ପରଦାରେ ପ୍ରସାରିତ ଏକ୍‌ତା କପୁରଙ୍କ ଧାରାବାହିକ 'ମେରି ଆସିକି ତୁମ୍‌ସେ ହି' ତାଙ୍କୁ ଦେଇଥିଲା ପରିଚୟ। ନିଜର ଅଭିନୟ ଦ୍ୱାରା ସେ ଦର୍ଶକଙ୍କ ମନ ଜିଣିଥିଲେ। ଆଉ ଏବେ ପାଦ ଥାପିଛନ୍ତି ରୂପେଲି ପରଦାରେ। ବିଶାଳ ଭରଦ୍ୱାଜଙ୍କ ଫିଲ୍ମ 'ପଟାଖା'ରେ ଅଭିନୟ କରିଛନ୍ତି। ସେ ହେଲେ ରାଧିକା ମଦନ। ଏହି ଫିଲ୍ମରେ ନିଜ ରୋଲ ଅନୁସାରେ ତାଙ୍କୁ ଓଜନ ବଢ଼ାଇବାକୁ କୁହାଯାଇଥିଲା। ଓଜନ ବଢ଼ିଥାଆନ୍ତା ୮ କି.ଗ୍ରା. ହେଲେ ଦେଖିଲା ବେଳକୁ ତାହା ୮ ଟପି ୧୨ ଧରିଥିଲା। ତେଣୁ ରାଧିକା ପୁଣି ଓଜନ କମାଇବାକୁ କସରତ ଆରମ୍ଭ କରିଥିଲେ। ଏହି ଫିଲ୍ମରେ ତାଙ୍କର ଭୂମିକାଟି ହେଲା 'ବଡ୍‌କି' ଓରଫ ଚମ୍ପା କୁମାରୀ। ଫେସ୍‌ବୁକ୍‌ରେ ଦେଖି ତାଙ୍କୁ ଅଡିଶନ ପାଇଁ ଡକାଯାଇଥିଲା। ହେଲେ ସେ ଏହି କଲ୍‌କୁ ଫେକ୍ ଭାବି ସାଙ୍ଗରେ ଦୁଇ ଜଣ ଗୁଣ୍ଡା ନେଇ ଯାଇଥିଲେ, କାରଣ ସେଠାରେ କିଛି ଘଟିଲେ ସେମାନେ ତାଙ୍କୁ ରକ୍ଷା କରିବେ। ହେଲେ ସେଠାରେ ପହଞ୍ଚିଲା ପରେ ଅଡିସନ କଲ ସତ ବୋଲି ଜାଣିପାରିଲେ। ଯେହେତୁ ଭୂମିକାଟି ଗାଉଁଲି ତେଣୁ ତାଙ୍କୁ ମଇଁଷି ଦୁହିଁବା, ଘଷି ପାରିବା, କାଖରେ ଆଉ ମୁଣ୍ଡରେ ମାଠିଆ ରଖି ଚାଲିବା ଅଭ୍ୟାସ କରିବାକୁ ପଡ଼ିଥିଲା। ସେ କେବେ ସିଗାରେଟ ଟାଣନ୍ତି ନାହିଁ। କିନ୍ତୁ ଏହି ଫିଲ୍ମ ପାଇଁ ତାଙ୍କୁ ପ୍ରଥମେ ହର୍ବାଲ ସିଗାରେଟ୍ ଏବଂ କାହାଣୀ ଅନୁସାରେ ବିଡି ଟାଣିବାକୁ ପଡିଛି। ପୁଣି ଏହାର ଶୁଟିଂ ସମୟରେ ଏକ ମାସ ପର୍ଯ୍ୟନ୍ତ ଦିନକୁ ୬ଟି ଲେଖାଏଁ ରସଗୋଲା ଖାଇବାକୁ ପଡ଼ିଥିଲା।


କାଜୋଲ

# ଅଭିନେତ୍ରୀ ହୋଇ ନ ଥାନ୍ତେ କାଜୋଲ

ହିନ୍ଦୀ ସିନେମା 'ବେଖୁଦି'ରୁ ଆରମ୍ଭ ହୋଇଥିଲା ତାଙ୍କର ଅଭିନୟ ଜୀବନ। ତା'ପରେ ଆଉ ସେ ପଛକୁ ଫେରି ଚାହିଁ ନ ଥିଲେ। ଗୋଟିଏ ପରେ ଗୋଟିଏ ସିନେମାରେ ଅଭିନୟ କରି ସେ ସିନେପ୍ରେମୀଙ୍କ ହୃଦୟରେ ହାସଲ କରିଥିଲେ ସ୍ୱତନ୍ତ୍ର ସ୍ଥାନ। 'ଦିଲଓ୍ୱାଲେ', 'ଦିଲ୍‌ଓ୍ୱାଲେ ଦୁଲହନିଆଁ ଲେ ଯାଏଗେଁ', 'କୁଛ କୁଛ ହୋତା ହୈ', 'କଭି ଖୁସି କଭି ଗମ୍', 'ବାଜିଗର', 'କରନ୍ ଅର୍ଜୁନ' ଏବଂ 'ଗୁପ୍ତ' ଭଳି ହିଟ୍ ସିନେମା ତାଙ୍କର ପରିଚୟକୁ କରିଥିଲା ଆହୁରି ସୁଦୂର ପ୍ରସାରୀ। ଏଥର ବୋଧହୁଏ ତାଙ୍କର ପରିଚୟ ଦେବା କେବଳ ଔପଚାରିକତା ମାତ୍ର। ସେ ହେଲେ କାଜୋଲ। ଦିନ ଥିଲା ବଲିଉଡ୍‌ରେ ସେ ରାଜ୍ କରୁଥିଲେ। ଶାହରୁଖ ଖାଁଙ୍କ ସହ ତାଙ୍କର ଯୋଡ଼ିକୁ ଦର୍ଶକ ଗ୍ରହଣ କରିଥିଲେ। କିନ୍ତୁ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ଅନେକ ଥର ଚିନ୍ତା କରିଥିଲେ ଏହି ଅଭିନେତ୍ରୀ। ସେ ସମୟର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ତନୁଜାଙ୍କ ଏହି କନ୍ୟା ହିନ୍ଦୀ ସିନେମାରେ ନିଜ କ୍ୟାରିୟରକୁ ନେଇ ଦୋଛକିରେ ପଡିଥିଲେ। କାରଣ ସେତେବେଳେ ସେ ଭାବିଥିଲେ ଯେ ହୁଏତ ମୋ ଅଭିନୟ ଦର୍ଶକଙ୍କୁ ପ୍ରଭାବିତ କରିବ ନାହିଁ। ହେଲେ ତାଙ୍କର ସବୁ ପୂର୍ବ ଆକଳନ ଭୁଲ୍ ବୋଲି ପ୍ରମାଣିତ ହୋଇଥିଲା। ନିଜର ହୃଦୟସ୍ପର୍ଶୀ ଅଭିନୟ ବଳରେ ସେ ବଲିଉଡ୍‌ର ନାୟିକା ତାଲିକାର ଶୀର୍ଷ ସ୍ଥାନ ମଧ୍ୟ ଅଧିକାର କରିଥିଲେ।

# ସ୍ତ୍ରୀ ହେବ ଏମିତି

ପରିବାରକୁ ସୁରୁଖୁରୁରେ ଚଳାଇବା ପାଇଁ କେବଳ ପରିବାରର ସଦସ୍ୟ ନୁହନ୍ତି, ସ୍ତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିଜର ଏଭଳି ଦାୟିତ୍ୱକୁ ବେଶ୍ ସୁଚାରୁ ଭାବରେ ତୁଲାଇଛନ୍ତି ଅନୁଷ୍କା ଶର୍ମା। ଆଉ ଏହାକୁ ନେଇ ବେଶ୍ ଖୁସି ଅଛନ୍ତି ଏହି ଅଭିନେତ୍ରୀ। ଏଠାରେ ତାଙ୍କର ବ୍ୟକ୍ତିଗତ ଜୀବନ ନୁହେଁ, ଅଭିନୟ ସମ୍ପର୍କରେ ସୂଚନା ଦିଆଯାଉଛି। କାରଣ ନିକଟରେ ରିଲିଜ ହୋଇଥିବା 'ସୁଇ ଧାଗା'ରେ ଜଣେ ଦାୟିତ୍ୱସମ୍ପନ୍ନ ସ୍ତ୍ରୀ (ମମତା) ଭୂମିକାରେ ଅନୁଷ୍କାଙ୍କୁ ଦେଖିବାକୁ ମିଳିଛି। ଏଥିରେ ତାଙ୍କ ସ୍ୱାମୀ ଭାବରେ ଅଭିନୟ କରିଛନ୍ତି ବରୁଣ ଧାଓ୍ୱନ। ଯେତେବେଳେ ବରୁଣ (ମଉଜି) ଅସୁବିଧାରେ ପଡିଛନ୍ତି ସେତେବେଳେ ତାଙ୍କ ପଛରେ ଛାଇ ଭଳି ଠିଆ ହୋଇଛନ୍ତି ସେ। 'ଯେତେବେଳେ ମୁଁ ଏହି ଫିଲ୍ମର କାହାଣୀ ଶୁଣିଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଜଣେ ସ୍ତ୍ରୀର ଦାୟିତ୍ୱ ବାସ୍ତବରେ କ'ଣ ହେବା ଦରକାର ତାହା ଏଥିରେ ପ୍ରଦର୍ଶିତ ହୋଇଛି, ଆଉ ଏଭଳି ଏକ ରୋଲ୍ ମୋତେ ମିଳିଥିଲା, ଯାହାକୁ ମୁଁ ଠିକ୍ ଭାବରେ ତୁଲାଇଛି ବୋଲି କହିଛନ୍ତି ଅନୁଷ୍କା।' ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଛନ୍ତି ଶରତ କାଟରିଆ।


ବରୁଣ-ଅନୁଷ୍କା

ପ୍ରଥମ ରୋଜଗାର

# ରୋଜଗାର ଟଙ୍କା ଗବେଷଣା କାମରେ ସରୁଥିଲା



ଅଧ୍ୟାପକ ତଥା ପ୍ରାବନ୍ଧିକ **ଡ. ଜନ୍ମେଜୟ ଚୌଧୁରୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲା ଭୂଷଣ୍ଡପୁରରେ ମୋର ଜନ୍ମ। ସ୍ଥାନୀୟ ବାଲିପାଟପୁର ରିଫ୍ୟୁଜି ଉଚ୍ଚବିଦ୍ୟାଳୟରୁ ୧୯୮୪ରେ ଦଶମ ପାସ୍ କରି ପ୍ରାଣନାଥ କଲେଜରେ ଯୁକ୍ତ ଦୁଇ ଓ ଇତିହାସ ସମ୍ମାନରେ ଯୁକ୍ତ ତିନି ପଢିଥିଲି। ତା'ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏମ୍.ଏ. କଲି। ଏମ୍.ଏ. ପାସ୍ କରି ପିଏଚ୍.ଡି. ପାଇଁ ରେଜିଷ୍ଟ୍ରେଶନ କରିଥାଏ, କିନ୍ତୁ ଏପଟେ ମୋ ଚାକିରି ହୋଇଗଲା। ରଣପୁର ନିକଟସ୍ଥ ଗୋପାଳପୁରର ପ୍ରହ୍ଲାଦ ବିଷ୍ଣୁପ୍ରିୟା ମହାବିଦ୍ୟାଳୟରେ ପ୍ରଥମେ ଜଏନ୍ କଲି। ଏହା ସେତେବେଳେ ଏକ ବେସରକାରୀ କଲେଜ ଥିଲା। ଦୁଇମାସ କାମ କରିବା ପରେ ବି ଦରମା ମିଳିଲା ନାହିଁ। ତା'ପରେ ଖୋର୍ଦ୍ଧା ଜିଲା କାଇପଦରସ୍ଥିତ ଶ୍ରୀଜଗନ୍ନାଥ କଲେଜରେ ୧୯୯୩ରେ ଇତିହାସ ଅଧ୍ୟାପକ ଭାବେ ନିଯୁକ୍ତି ପାଇଲି। ଦରମା ମାସିକ ୫୦୦ ଟଙ୍କା। ଏହି ଟଙ୍କା ମୋ ରିସର୍ଚ୍ଚ କାମରେ ହିଁ ଖର୍ଚ୍ଚ ହେଉଥିଲା। 'ଗୋପବନ୍ଧୁଙ୍କ ଜୀବନୀ ଓ ସେବା' ଉପରେ ପିଏଚ୍.ଡି. କରୁଥିଲି ଆଉ ୧୯୯୮ରେ ଏହା ସରିଲା, ତା'ପରେ ୨୦୦୧ରେ ମୋ ବାହାଘର ହେଲା। ଏତେ ବର୍ଷ ଭିତରେ କିଛି ବି ବଦଳିନି, ଏବେ ବି ମୁଁ ସେହି ଶ୍ରୀଜଗନ୍ନାଥ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଛି। ଅଧ୍ୟାପନାବାଦ୍ ଲେଖାଲେଖି ବି କରେ। ଚାକିରି କରିବା ପରେ ହିଁ ଲେଖିବାର ଝୁଙ୍କ୍ ମୋ ଭିତରେ ଆସିଥିଲା। ୟା'ଭିତରେ ବିଭିନ୍ନ ଖବରକାଗଜ, ପତ୍ରପତ୍ରିକାରେ ଉଭୟ ଇଂଲିଶ ଓ ଓଡ଼ିଆ ଭାଷାରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପ୍ରବନ୍ଧ ମୋର ପ୍ରକାଶ ପାଇସାରିଲାଣି। ତା'ଛଡ଼ା ୧୫ଟି ପୁସ୍ତକ ବି ବାହାରି ସାରିଲାଣି। ତନ୍ମଧ୍ୟରୁ ଓଡିଆ ଭାଷାରେ ଲିଖିତ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ, ବକ୍ସି ଜଗବନ୍ଧୁ, ସ୍ୱାଧୀନ ଭାରତର ପ୍ରଥମ କଶ୍ମୀର ଯୁଦ୍ଧ, ସତ୍ୟପୀର ବୋଖାରୀବାବା, ମହାଦେବୀ ଉଗ୍ରତାରା, କଳିଙ୍ଗ ବୈଶ୍ୟ ସମାଜର ଉତ୍ପତ୍ତି ଓ କୀର୍ତ୍ତି ଏବଂ ହିନ୍ଦୀ ଭାଷାରେ ଲିଖିତ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ତଥା ଇଂଲିଶ ଭାଷାରେ ଲିଖିତ ଏ ଫୋକସ୍ ଅନ୍ ଜଗନ୍ନାଥ କଲ୍ଟ, ଦ ସ୍ରାଇନ୍ ଅଫ୍ ବୋଖାରୀବାବା, ଲର୍ଡ ଜଗନ୍ନାଥ: ହିଜ୍ ଡିଭୋଟିଜ୍ ଇତ୍ୟାଦି ପୁସ୍ତକ ଅନ୍ୟତମ। ସେହିପରି ଓଡିଆ ଭାଷାରେ ଦୁଇଟି ଇତିହାସ ପାଠ୍ୟପୁସ୍ତକ ଏବଂ ଇଂଲିଶ ଭାଷାରେ ଦୁଇଟି ଇତିହାସ ପାଠ୍ୟପୁସ୍ତକ ଲେଖିବା ହେଉଛି ମୋ ପାଇଁ ଏକ ସଫଳତା। ଉଭୟ ଅଧ୍ୟାପନା ଓ ଲେଖାଲେଖିକୁ ନେଇ ଅନେକ ପୁରସ୍କାର ଓ ସମ୍ମାନ ବି ପାଇଛି। ତନ୍ମଧ୍ୟରୁ କେଦାରନାଥ ଗବେଷଣା ପ୍ରତିଷ୍ଠାନ ତରଫରୁ ମିଳିଥିବା ଏକାମ୍ର ସମ୍ମାନ, ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ତରଫରୁ ତତ୍ତ୍ୱଦର୍ଶୀ ପ୍ରାବନ୍ଧିକ ସମ୍ମାନ, କଳିଙ୍ଗ ବୈଶ୍ୟ ସମାଜ ତରଫରୁ ପ୍ରତିଭା ସମ୍ମାନ ଏବଂ ସତ୍ୟନାରାୟଣ ପୂଜା କମିଟି ତରଫରୁ ମିଳିଥିବା ସଂସ୍କୃତି ପ୍ରାଣ ଉପାଧି ଇତ୍ୟାଦି ହେଉଛି ଅନ୍ୟତମ। ତା'ଛଡ଼ା ଶିକ୍ଷକ ସଂଘ ତରଫରୁ ମିଳିଥିବା ଶିକ୍ଷକ ଶ୍ରୀ ସମ୍ମାନ ହେଉଛି ମୋ ପାଇଁ ଏକ ପ୍ରେରଣା। ଲେଖାଲେଖିରୁ ଯେତେବେଳେ ବି ଅର୍ଥ ଆକାରରେ କିଛି ପୁରସ୍କାର ମିଳେ, ସେଥିରେ ମୁଁ ବିଭିନ୍ନ ଗବେଷଣାମୂଳକ ପ୍ରବନ୍ଧ ବହି କିଣି ପଢିଥାଏ। ଅଧ୍ୟାପନା ଓ ଲେଖାଲେଖି ବ୍ୟତୀତ କଲେଜରେ ପ୍ରାୟ ୧୫ ବର୍ଷ ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ରହିବା ସଙ୍ଗେସଙ୍ଗେ ୟୁଥ୍ ରେଡ୍‌କ୍ରସ୍ ଅଫିସର୍ ଭାବେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ଦାୟିତ୍ୱ ସମ୍ଭାଳି ଆସୁଛି। ତା'ଛଡ଼ା ଏବେ ମୁଁ ଖୋର୍ଦ୍ଧା ଇତିହାସ ଓ ଜଗନ୍ନାଥ ସଂସ୍କୃତି ଉପରେ ମଧ୍ୟ ଗବେଷଣା କରୁଛି। ସେହିପରି ଭୁବନେଶ୍ୱର ଶ୍ରୀଜଗନ୍ନାଥ ଗବେଷଣା ପରିଷଦ ଏବଂ ପୁରୀ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ମୁଁ ଜଣେ ଆଜୀବନ ସଭ୍ୟ। ଏହାବାଦ୍ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସେମିନାର୍ ଯେମିତି କି ଓଡିଶା ଇତିହାସ କଂଗ୍ରେସ, ଭାରତ ଇତିହାସ କଂଗ୍ରେସ, ଦକ୍ଷିଣ ଭାରତ ଇତିହାସ କଂଗ୍ରେସ, ଭାରତ ଇତିହାସ ସଂକଳନ ସମିତି, ସର୍ବଭାରତୀୟ ଯୁବ ଐତିହାସିକ ସମ୍ମିଳନୀର ବାର୍ଷିକ ସଭ୍ୟ ହୋଇ ନିୟମିତ ଭାବେ ଏଠାରେ ଗବେଷଣାମୂଳକ ସନ୍ଦର୍ଭ ଦୀର୍ଘ ୨୦ ବର୍ଷ ଧରି ଉପସ୍ଥାପନା କରିଆସୁଛି। ଏହାଛଡ଼ା ଶ୍ରୀମନ୍ଦିର ସହିତ ଗଜପତି ପରମ୍ପରାର ସମ୍ପର୍କ ବିଷୟକୁ ନେଇ ପୁରୀ ଗଜପତିଙ୍କର ନେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ବେଶ୍ ଉଚ୍ଚକୋଟୀର ହୋଇଥିଲା, ଯାହା ମୋ ପାଇଁ ଏକ ଅଭୁଲା ସ୍ମୃତି।

*–ଅନ୍ୱିତା*

# ପାହାନ୍ତି ସପନ ସାଥିରେ ଧରି ଲୁହରେ ଲେଖୁଛି ମୋ ଲଭ୍ ଷ୍ଟୋରି

ସାଥୀ

**ପ୍ରଶ୍ନ**–ମୋ ପ୍ରେମିକା କେବଳ ମୋ ସ୍ୱପ୍ନରେ ହିଁ ଆସୁଛି। ତାକୁ ମୁଁ ବାସ୍ତବରେ ପାଉନାହିଁ। ମୋ ଲଭ୍ ଷ୍ଟୋରି ଅଧାରେ ଅଟକି ରହିଛି। ମୋର ଏହି ସ୍ୱପ୍ନ କ'ଣ ସତ ହେବନି ?

*–ଆଶୁତୋଷ ନାୟକ, କେନ୍ଦ୍ରାପଡ଼ା*

**ଉତ୍ତର :** ସ୍ୱପ୍ନ ଆଉ ବାସ୍ତବତା ଭିତରେ ରହିଛି ଆକାଶ ପାତାଳ ଫରକ। ସ୍ୱପ୍ନରେ ଯଦି ପ୍ରେମର ବାସ୍ନା ଥାଏ ତେବେ ତାହା ଆପଣଙ୍କୁ ଏକ ରଙ୍ଗିନ ଦୁନିଆକୁ ନେଇଯାଇଥାଏ। ସେହି ଦୁନିଆରେ ଥରେ ପାଦ ଦେଲେ ଅସଲ ଦୁନିଆ କଥା ପାସୋରି ଯିବେ। ହଁ, ଏକଥା ସତ ଯେ କେତେକ ସ୍ୱପ୍ନ ପରବର୍ତ୍ତୀ ସମୟରେ ସତରେ ପରିଣତ ହୁଏ। ହେଲେ ତାହା ହେଉଛି ଏକ ପ୍ରହେଳିକା। ଆପଣ ବୋଧହୁଏ ପ୍ରେମକୁ ନେଇ ପାହାନ୍ତିଆ ସପନ ଦେଖୁଛନ୍ତି। ଆଉ ସେହି ସପନର ମାନସୀକୁ ନ ପାଇବାରୁ ଆପଣଙ୍କ ଲଭ ଷ୍ଟୋରି ଅଧାବାଟରେ ଅଟକିଯାଇଛି। 'ପାହାନ୍ତି ସପନ ସାଥିରେ ଧରି, ଲୁହରେ ଲେଖୁଛି ମୋ ଲଭ୍ ଷ୍ଟୋରି।' ଏବେ ସେ ଦୁନିଆରୁ ବାହାରି ବାସ୍ତବତାକୁ ଆସନ୍ତୁ ଏବଂ ନିଜ ପ୍ରେମିକା ମିଶନ ଆରମ୍ଭ କରି ଦିଅନ୍ତୁ। ଯଦି ଆପଣଙ୍କ ହୃଦୟ ନିର୍ମଳ ତେବେ ଏଥିରେ ସକ୍‌ସେସ ହେବାର ଯଥେଷ୍ଟ ଚାନ୍ସ ରହିଛି।



**ପ୍ରଶ୍ନ**–ମୋ ପ୍ରେମିକା ମୋତେ ଆଉ କଲ୍ କରୁନି କି ହ୍ୱାଟ୍ସଆପ୍‌ରେ ମେସେଜ ଦେଉନି। ଏବେ ମୁଁ କ'ଣ କରିବି ଜାଣିପାରୁନାହିଁ।

*–ଦେବାଶିଷ ପୁହାଣ, ରାଉରକେଲା*

**ଉତ୍ତର :** ଇଟ୍ ଇଜ ଭେରି ବ୍ୟାଡ୍। ପ୍ରେମିକାଠାରୁ କଲ୍ ହେଉ କି ମେସେଜ ନ ପାଇଲେ ମନଟା ଯେମିତି ଆମ୍ବିଳା ହୋଇଯାଏ। ପାଖରେ ହାଣ୍ଡିଏ ମିଠା ରଖିଲେ ତାହା ମନକୁ ବଦଳାଇ ପାରେନା। ତେବେ ଆପଣଙ୍କ ପ୍ରେମିକାଙ୍କ ପ୍ରେମର ଚକ କାହିଁକି ହଠାତ୍ ଓଲଟିଗଲା ତାହାର କାରଣ ଖୋଜନ୍ତୁ। ଯଦି ସେପଟରୁ ପୂରା ରେଡ୍ ସିଗ୍‌ନାଲ ତେବେ 'ବ୍ୟାଡ୍ ଲକ୍' ଭାବି ସେଭଳି ପ୍ରେମରେ ପୂର୍ଣ୍ଣଚ୍ଛେଦ ଟାଣି ନୂଆ ଇନିଂସ ଆରମ୍ଭ କରନ୍ତୁ ନା !

**ପ୍ରଶ୍ନ**–ଅବୁଝା ମୋ ପ୍ରିୟା କିଛି ସେ ବୁଝେନା, ଯେତେ ଯାହା କଲେ ତା' ମନ ବୁଝେନା, କିଛି ବୁଦ୍ଧି ଦିଅ ଆହେ ସାଥୀ ମୋର, ମୋ ପ୍ରିୟା ମନକୁ କରିବି ନିଜର।

*–ସଂଗ୍ରାମ କେଶରୀ ସାହୁ, ନୟାଗଡ଼*

**ଉତ୍ତର :** ସହଜେ ବୁଝେନା ଅବୁଝା ମନ। ପ୍ରେମିକାର ଅବୁଝା ମନକୁ ବୁଝାଇବା କ'ଣ ଏତେ ସହଜ ? ସେହି ମନରେ ଭରି ରହିଥାଏ ଫୁଲା ଫୁଲା ଅଭିମାନ। ତେଣୁ ପ୍ରେମିକାର କେମିତି ମାନଭଞ୍ଜନ କରିବେ ନିଜେ କିଛି ଉପାୟ ଚିନ୍ତା କରନ୍ତୁ ନା ! ପ୍ରେମିକା ମନରେ ଖୁସି ଭରିଦେବା ପାଇଁ କ'ଣ କରିବାକୁ ପଡ଼େ ତାହା ତ ଅନ୍ତେ ବହୁତେ ଜାଣିଥିବେ। ତେଣୁ ବେଳକାଳ ଦେଖି ତାହାକୁ ଆପ୍ଲାଏ କରନ୍ତୁ। ଦେଖିବେ ଅଭିମାନୀ ପ୍ରେମିକା ମୁହଁରେ ପୁଣି ହସ ଫୁଟିଉଠିବ।



# କ୍ରୋଶେ ଜୁଏଲେରି













**ସାଧାରଣତଃ ବକ୍ରାଗ୍ର ଛୁଞ୍ଚିରେ ବୁଣିବାର କାର୍ଯ୍ୟକୁ କ୍ରୋଶେ ବୋଲି କୁହାଯାଏ। ତେଣୁ ଏହାର ଜୁଏଲେରିକୁ ମଧ୍ୟ ବୁଣିବୁଣି ହିଁ ତିଆରି କରାଯାଇଥାଏ।**

ଫ୍ୟାଶନ ୱାର୍ଲ୍ଡରେ ଜୁଏଲେରିର ଡିମାଣ୍ଡ ସବୁବେଳେ ରହିଆସିଛି, ତେଣିକି ସେ ଯେ କୌଣସି ଷ୍ଟାଇଲର ହେଉନା କାହିଁକି। ତେବେ ଆଜିର ଏହି ଟ୍ରେଣ୍ଡି ଦୁନିଆରେ କ୍ରୋଶେ ଜୁଏଲେରି ସେମିତି ଏକ ନୂଆ ଟ୍ରେଣ୍ଡ ଭାବେ ଉଭା ହୋଇଛି, ଯାହାକୁ ବୁଣାବୁଣି କରି ହିଁ ତିଆରି କରାଯାଇଥାଏ।

### କେମିତି ହୁଏ ତିଆରି

ସାଧାରଣରେ ଯେଉଁମାନଙ୍କୁ ବୁଣାବୁଣି କରିବା ଜଣା, ସେମାନେ ଘରେ ବସି ମଧ୍ୟ ଏହି ଜୁଏଲେରି ତିଆରି କରିପାରିବେ। ଏଥିପାଇଁ ମୁଖ୍ୟତଃ ଆବଶ୍ୟକ ପଡ଼ିଥାଏ ବୁଣାବୁଣି ହୋଇପାରୁଥିବା ଛୁଞ୍ଚି ଆଉ କିଛି ରଙ୍ଗବେରଙ୍ଗର ସୂତା କିମ୍ବା ଉଲ୍। ନିଜ ପସନ୍ଦ ଅନୁଯାୟୀ ସୂତାକୁ ବୁଣିବୁଣି ଏହି ଜୁଏଲେରି ତିଆରି କରାଯାଇଥାଏ। ଆବଶ୍ୟକ ପଡ଼ିଲେ ଏଥିରେ ମାଳି, ଷ୍ଟୋନ, ପର୍ଲ, ହୁକ୍ କିମ୍ବା ସ୍ପ୍ରିଙ୍ଗ୍ ମଧ୍ୟ ବ୍ୟବହାର କରିପାରିବେ। କେହି କେହି ତ ଫିଙ୍ଗର ରିଂ ତିଆରି କଲାବେଳେ ଗୋଟେ ପ୍ଲେନ୍ ରିଂ ନେଇ ତା' ଉପରେ ସୂତାରେ ବୁଣାବୁଣିକରି ସୁନ୍ଦର ଡିଜାଇନ କରିଥାନ୍ତି। ତେବେ କେବଳ ଫିଙ୍ଗର ରିଂ ନୁହେଁ, ଜଣେ ଚାହିଁଲେ ଇୟର ରିଂ, ନେକ୍‌ଲେସ୍, ବ୍ରେସ୍‌ଲେଟ୍ ତଥା ବେୟାରଫୁଟ୍ ସ୍ୟାଣ୍ଡେଲ ଇତ୍ୟାଦି ଏଥିରେ ତିଆରି କରିପାରିବେ।

### ଟ୍ରେଣ୍ଡି ଲୁକ୍ ପାଇଁ

ପାର୍ଟି, ଫଙ୍କ୍‌ସନ ହେଉ ଅବା ଅନ୍ୟ କୌଣସି ଅକେଜନ୍‌ରେ ଆକର୍ଷଣୀୟ ଲୁକ୍ ପାଇଁ କେତେକେ ସୁନା, ରୁପା କିମ୍ବା ଆର୍ଟିଫିସିଆଲ ଜୁଏଲେରି ପିନ୍ଧିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏଠାରେ ଯେଉଁ କ୍ରୋଶେ ଜୁଏଲେରି କଥା କୁହାଯାଉଛି, ତାହାକୁ ଯଦି ଟ୍ରାଏ କରାଯାଏ ତା'ହେଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗେ। ହେଲେ ଏ ନେଇ କିଛିଟା ଟିପ୍ସ ଆପଣେଇବା ବି ଜରୁରୀ...

-ଉଭୟ ଟ୍ରାଡିସନାଲ ଏବଂ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଏହାକୁ ଟ୍ରାଏ କରିହେବ। କିନ୍ତୁ ଟ୍ରାଡିସନାଲ ଅପେକ୍ଷା ୱେଷ୍ଟର୍ନ ଆଉଟ୍‌ଫିଟ୍‌ରେ ଟିକେ ଛୋଟ ଛୋଟ ଡିଜାଇନର କ୍ରୋଶେ ଜୁଏଲେରି ପିନ୍ଧିଲେ ଭଲ ମାନିଥାଏ। ଖାସ୍ କରି କ୍ରୋଶେ ଇୟର ରିଂ ଏବଂ କ୍ରୋଶେ ଫିଙ୍ଗର ରିଂ ଏଥିପାଇଁ ଭଲ ଅପ୍ସନ।

-ଯଦି ଜିନ୍ସ ପ୍ୟାଣ୍ଟ ଓ ଟି-ଶାର୍ଟ ପିନ୍ଧୁଥାନ୍ତି, ତା'ହେଲେ ଏହା ସାଙ୍ଗରେ କ୍ରୋଶେ ବ୍ରେସ୍‌ଲେଟ୍ ପିନ୍ଧନ୍ତୁ, ଦେଖିବେ ସ୍ମାର୍ଟ ଲୁକ୍ ମିଳିବ।

-ସେହିପରି ଯେତେବେଳେ ବି ଆପଣ କ୍ରୋଶେ ନେକ୍‌ଲେସ୍ ବ୍ୟବହାର କରୁଛନ୍ତି, ଚେଷ୍ଟା କରିବେ ତା'ସହିତ ମ୍ୟାଚିଂ କ୍ରୋଶେ ଇୟର ରିଂ ପିନ୍ଧିବାକୁ। ନଚେତ୍ ଲୁକ୍ ଟିକେ ଖାପଛଡ଼ା ଲାଗିବ।

-କ୍ରୋଶେର ବେୟାରଫୁଟ୍ ସ୍ୟାଣ୍ଡେଲକୁ ଆପଣ ଘରେ ହେଉ ଅବା ଆଉଟିଂରେ ଗଲାବେଳେ ବି ବ୍ୟବହାର କରିପାରିବେ। ଏହା ମୁଖ୍ୟତଃ ଲଙ୍ଗ୍ ସ୍କର୍ଟ, କାପ୍ରି, ଆଙ୍କେଲ୍ ଲେଙ୍ଥ ପ୍ଲାଜୋ ତଥା ସିଗାରେଟ୍ ପ୍ୟାଣ୍ଟ ସହ ଭଲ ମାନିଥାଏ। କେହି କେହି ତ ନିଜର ସ୍ୟାଣ୍ଡେଲ ସହ ମଧ୍ୟ ଏହାକୁ ଫିଟିଂ କରି ପିନ୍ଧୁଥିବା ଦେଖିବାକୁ ମିଳୁଛି।

ତେବେ କ୍ରୋଶେର କେବଳ ଜୁଏଲେରି ଆସେ ତା'ନୁହେଁ, ଆଜିକାଲି ତ ଏହାର କ୍ଲଚ୍ ଓ ହ୍ୟାଣ୍ଡବ୍ୟାଗ୍‌ର ବି ଯଥେଷ୍ଟ ଚାହିଦା ରହୁଛି ଯୁବପିଢ଼ିଙ୍କ ମଧ୍ୟରେ।











ଖୁସି

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ନାମ

ଯୁବକ ଜଣେ ସୁନ୍ଦରୀ ଯୁବତୀଙ୍କୁ- ତୁମ ନାଁ କ'ଣ ?
ଯୁବତୀ-ସାଇଲେଣ୍ଟ ଲେଡି।
ଯୁବକ- ଇଏ କେମିତିକା ନାଁ ?
ଯୁବତୀ- ବୁଝିପାରିଲନି କି ? ମୋ ନାଁ ହେଉଛି-'ଶାନ୍ତି ବାଈ'।

### ଫଟାଫଟ୍

ଶିକ୍ଷକ ଚିଣ୍ଟୁକୁ ଠିଆ କରାଇ- ମୁଁ ତତେ ଏବେ ଯାହାବି ପ୍ରଶ୍ନ ପଚାରିବି ତା'ର ଉତ୍ତର ଫଟାଫଟ୍ ଦେବୁ।
ଚିଣ୍ଟୁ- ହଉ ସାର୍।
ଶିକ୍ଷକ-ଆମ ଜାତୀୟ ପଶୁର ନାମ କ'ଣ ?
ଚିଣ୍ଟୁ- ଫଟାଫଟ୍...।

### ଫେଲ୍

ବାପା ପୁଅକୁ ରାଗିକି- ତୁ ଫେଲ୍ କେମିତି ହେଲୁ ?
ପୁଅ- ପରୀକ୍ଷାରେ ପ୍ରଶ୍ନ ହିଁ ଏମିତି ଆସିଥିଲା, ଯାହାର ଉତ୍ତର ମୁଁ ଜାଣି ନ ଥିଲି।
ବାପା-ତା'ହେଲେ କ'ଣ ଉତ୍ତରଖାତା ଖାଲି ଛାଡ଼ି ଦେଇଥିଲୁ ?
ପୁଅ- ନା। ଲେଖିଥିଲି।
ବାପା- କ'ଣ ଲେଖିଥିଲୁ ?
ପୁଅ- ଏମିତି ଉତ୍ତର, ଯାହା ସାର୍ ବି ଜାଣି ନ ଥିବେ।



# ପାଞ୍ଚାଳିମେଡୁ





**କେରଳର ଇଡୁକ୍କି ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ହିଲ୍ ଷ୍ଟେଶନ ହେଉଛି ପାଞ୍ଚାଳିମେଡୁ । ପଞ୍ଚୁପାଣ୍ଡବଙ୍କ ଧର୍ମପତ୍ନୀ ପାଞ୍ଚାଳୀ(ଦ୍ରୌପଦୀ)ଙ୍କ ନାମାନୁସାରେ ଏହାର ନାମକରଣ ହୋଇଥିବା ଅନୁମାନ କରାଯାଏ...**





ପ୍ରାକୃତିକ,ସାଂସ୍କୃତିକ ତଥା ଐତିହାସିକ ଦୃଷ୍ଟିକୋଣରୁ କେରଳର ସ୍ଥାନ ସ୍ୱତନ୍ତ୍ର। ଏଠାକାର ବ୍ୟାକ୍ ୱାଟର, ସମୁଦ୍ରତଟ, ସି-ଫୁଡ୍ସ, ଚା'କଫି ବଗିଚା, ହିଲ୍ ଷ୍ଟେଶନ ତଥା ବନ୍ୟଜୀବ ଅଭୟାରଣ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ । ସେଥିପାଇଁ ତ ବର୍ଷସାରା ଏଠାରେ ଆଗନ୍ତୁକଙ୍କର ଭିଡ଼ ଜମେ । ତେବେ ମୁନ୍ନାର, କୁମାରକୋମ୍ , ୱାୟାନାଡ୍ , ବର୍କଲା ଇତ୍ୟାଦି ହେଉଛି କେରଳର ଗୋଟିଏ ଗୋଟିଏ ପ୍ରମୁଖ ପର୍ଯ୍ୟଟନସ୍ଥଳୀ । କିନ୍ତୁ ଏସବୁ ବ୍ୟତୀତ ଏଠାରେ ଆହୁରି ବି କେତେକ ସ୍ଥାନ ଅଛି, ଯାହା ପ୍ରସିଦ୍ଧି ପାଇ ନ ଥିଲେ ମଧ୍ୟ ପର୍ଯ୍ୟଟନ ଦୃଷ୍ଟିକୋଣରୁ କୌଣସି ଗୁଣରେ କମ୍ ନୁହେଁ। ସେମିତି ଏକ ସ୍ଥାନ ହେଉଛି ପାଞ୍ଚାଳିମେଡୁ।

## ପାଞ୍ଚାଳିମେଡୁ ହିଲ୍ ଷ୍ଟେଶନ

ପାଞ୍ଚାଳିମେଡୁ କେରଳର ଇଡୁକ୍କି ଜିଲା ଅନ୍ତର୍ଗତ ଏକ ହିଲ୍ ଷ୍ଟେଶନ। ଏହାର ନାମକରଣକୁ ନେଇ ଏକ ଲୋକକଥା ମଧ୍ୟ ଶୁଣିବାକୁ ମିଳିଥାଏ। କୁହାଯାଏ, ନିର୍ବାସନ ସମୟରେ ପଞ୍ଚୁପାଣ୍ଡବ ପତ୍ନୀ ପାଞ୍ଚାଳୀଙ୍କ ସହ ବେଶ୍ କିଛିଦିନ ଏଠାରେ ରହିଥିଲେ। କିନ୍ତୁ ଏହାର ବହୁ ପୂର୍ବରୁ ଏଠାରେ ଏକ ଆଦିବାସୀ ସମ୍ପ୍ରଦାୟର ଜନଜାତି ବସବାସ କରିଆସୁଥିଲେ। ଫଳରେ ପାଣ୍ଡବମାନଙ୍କ ଆସିବା ପରେ ପାଞ୍ଚାଳୀଙ୍କ ନାମାନୁସାରେ ଏହାର ନାମ ପାଞ୍ଚାଳିମେଡୁ ରଖାଗଲା। ସ୍ଥାନୀୟ ଭାଷାରେ ମେଡୁର ଅର୍ଥ ପାହାଡ଼କୁ ହିଁ ବୁଝାଯାଇଥାଏ। ସହରର ଜନଗହଳିପୂର୍ଣ୍ଣ ପରିବେଶରୁ ଦୂର ଏହି ସ୍ଥାନଟି ସବୁଜିମାଭରା ହେବା ସହିତ ଆଗନ୍ତୁକଙ୍କୁ ଉଭୟ ଆତ୍ମିକ ଓ ମାନସିକ ସ୍ତରରେ ଶାନ୍ତି ପ୍ରଦାନ କରିବାର କ୍ଷମତା ରଖିଛି।

## କ'ଣ ଦେଖିବେ

ହିଲ୍ ଷ୍ଟେଶନର ମନଲୋଭା ସୌନ୍ଦର୍ଯ୍ୟ ସାଙ୍ଗକୁ ପର୍ଯ୍ୟଟକ ଏଠାରେ ଆହୁରି ଅନେକ ଜିନିଷ ଦେଖିବାକୁ ପାଇବେ। ଯେମିତିକି ପାଞ୍ଚାଳିକୁଲମ୍ ନାମକ ଏକ ଛୋଟ ପୋଖରୀ, ଯେଉଁଠାରେ ପଞ୍ଚୁପାଣ୍ଡବ ସ୍ନାନ କରୁଥିବାର ଅନୁମାନ କରାଯାଏ। ପାଣ୍ଡବଗୁମ୍ଫା, ଯେଉଁଠାରେ ସେମାନେ ରହୁଥିଲେ। ସେହିପରି ଦେବୀ ଭୁବନେଶ୍ୱରୀଙ୍କୁ ସମର୍ପିତ ଏକ ପ୍ରାଚୀନ ମନ୍ଦିର ବି ଏଠାରେ ଅଛି। କୁହାଯାଏ, ପଞ୍ଚୁପାଣ୍ଡବ ଏଠାରେ ବସବାସ କରୁଥିବା ଆଦିବାସୀ ଜନଜାତିଙ୍କୁ ବିପଦରୁ ରକ୍ଷା ପାଇବା ପାଇଁ ଏହି ଦେବୀଙ୍କୁ ପୂଜା କରିବାକୁ କହିଥିଲେ।

## ନିକଟବର୍ତ୍ତୀ ପର୍ଯ୍ୟଟନସ୍ଥଳୀ

ପାଞ୍ଚାଳିମେଡୁ ହିଲ୍ ଷ୍ଟେଶନର ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ଆହୁରି ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ପ୍ରାୟ ୨୨ କି.ମି. ଦୂରରେ ରହିଛି ପାରୁନ୍ତୁମ୍ପାରା ନାମକ ଏକ ସ୍ଥାନ, ୬ କି.ମି. ଦୂରରେ ରହିଛି ବଲନ୍ଜଙ୍ଗନାମ୍ ନାମକ ଜଳପ୍ରପାତ ଏବଂ ଅନ୍ୟୂନ ୧୦ କି.ମି. ଦୂରରେ ରହିଛି ବଲ୍ଲିୟାମ୍‌କାଭୁ ଦେବୀ ମନ୍ଦିର ଇତ୍ୟାଦି। ପର୍ଯ୍ୟଟକ ଚାହିଁଲେ ଏଠାକୁ ମଧ୍ୟ ବୁଲି ଯାଇପାରିବେ।

## କେବେ ଯିବେ ଓ କେମିତି ଯିବେ

ଯେହେତୁ ଏହା ଏକ ହିଲ୍ ଷ୍ଟେଶନ, ତେଣୁ ବର୍ଷସାରା ଏଠାକାର ଜଳବାୟୁ ବେଶ୍ ଅନୁକୂଳ ରହିଥାଏ। ତେଣୁ ପର୍ଯ୍ୟଟକ ବର୍ଷର ଯେକୌଣସି ସମୟରେ ଚାହିଁବେ ଏଠାକୁ ବୁଲି ଯାଇପାରିବେ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। କୋଚିନ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ କୋଟ୍ଟାୟାମ୍ ହେଉଛି ଏହାର ନିକଟତମ ରେଳଷ୍ଟେଶନ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ସଡ଼କପଥରେ ବି ଏଠାକୁ ଆସିପାରିବେ।








# ସିମେଣ୍ଟ ବସ୍ତାରେ ୱେଡିଂ ଗାଉନ୍

ନିକଟରେ ଚାଇନାର ଜଣେ ସୃଜନଶୀଳ ମହିଳା କୃଷକ ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚିତ ହୋଇଛନ୍ତି। ଚର୍ଚ୍ଚାର କାରଣ ସାଜିଛି ସେ ତିଆରି କରିଥିବା ୱେଡିଂ ଗାଉନ୍। ୨୮ ବର୍ଷୀୟା ଲିଲି ଟ୍ୟାନ୍ କେବେ ବି ଫ୍ୟାଶନ୍ ଡିଜାଇନିଂ କୋର୍ସ କରି ନାହାନ୍ତି। ତାଙ୍କର ଅଧିକାଂଶ ସମୟ ବିତେ କ୍ଷେତରେ। ହେଲେ ଚଳିତ ବର୍ଷର ବର୍ଷାଋତୁ, ଯେତେବେଳେ ତାଙ୍କ ପାଖରେ ବିଶେଷ କାମ ନ ଥିଲା ସେ ଏହି ୱେଡିଂ ଗାଉନ୍‌କୁ ତିଆରି କରିଛନ୍ତି। ଆଉ ଜାଣି ଆଶ୍ଚର୍ଯ୍ୟ ହେବେ ସେ ଉକ୍ତ ଗାଉନ୍‌କୁ ତିଆରି କରିବା ପାଇଁ କୌଣସି ମହଙ୍ଗା କପଡାର ବ୍ୟବହାର କରି ନାହାନ୍ତି। ବରଂ ବ୍ୟବହାର କରିଛନ୍ତି ବସ୍ତା। ସେ ପୁଣି ଅଦରକାରୀ ୪୦ଟି ସିମେଣ୍ଟ ବସ୍ତା। ଏହାକୁ ତିଆରି କରିବାକୁ ତାଙ୍କୁ ମାତ୍ର ୩ ଘଣ୍ଟା ସମୟ ଲାଗିଥିଲା। ଏହା ସହ ମ୍ୟାଚିଂ ଆସେସରିଜ୍ ବି ସେ ତିଆରି କରିଛନ୍ତି। ତାକୁ ନିଜେ ପିନ୍ଧି ତା'ର ଫଟୋକୁ ଯେବେ ସେ ସୋସିଆଲ ମିଡିଆରେ ଅପଲୋଡ୍ କଲେ ଅବିଶ୍ୱସନୀୟ ଭାବେ ଲୋକେ ଏହାକୁ ପସନ୍ଦ କଲେ। ଚାଇନାରେ ଏହାର ୫ ମିଲିୟନରୁ ଉର୍ଦ୍ଧ୍ୱ ଭ୍ୟୁୟର ହୋଇଛନ୍ତି।

## କାର୍ଟୁନ କର୍ନର



# କଦଳୀ ଚୋପାକୁ ସାବଧାନ!



କଦଳୀ ଖାଇବାକୁ କିଏ ବା ଭଲ ନ ପାଏ। ପୁଣି ପାଚିଲା କଦଳୀ କଥା ଉଠିଲେ ଖାଇବାର ଆଗ୍ରହ ଅଧିକ ବଢ଼ିଯାଏ। କଦଳୀ ସିନା ଭଲ ; ହେଲେ କଦଳୀ ଚୋପାକୁ କିନ୍ତୁ ସାବଧାନ। ଜୀବନ ବି ନେଇ ଯାଇପାରେ। ବବି ଲିଚ୍‌ଙ୍କ କଥା ଦେଖାଯାଉ। ବବି ଜଣେ ଦୁଃସାହସୀ ମହିଳା। ତାଙ୍କର ହବି ଥିଲା ଦଉଡ଼ିବା ବା ଧାବନ କରିବା। ଦିନେ ସେ ଦଉଡୁଥିବା ବେଳେ ତାଙ୍କ ପାଦ ଏକ କଦଳୀ ଚୋପା ଉପରେ ପଡ଼ିଗଲା। ବାସ୍, ଆରମ୍ଭ ହେଲା ତାଙ୍କ ଜୀବନରେ ବିପର୍ଯ୍ୟୟ। ତାଙ୍କ ଗୋଡ଼ ଖସିଗଲା ଓ ସେ ପଡ଼ିଗଲେ। ଗୋଡ଼ ସଂକ୍ରମଣ ହେଲା। ଗୋଡ଼କୁ କାଟିବାକୁ ପଡ଼ିଲା। ହେଲେ ସଂକ୍ରମଣ ଏଭଳି ଭୟଙ୍କର ଥିଲା ଯେ, ଗୋଡ଼ କାଟିବା ପରେ ବି ସେ ପ୍ରାଣ ହରେଇଲେ।





# ରୋମାଣ୍ଟିକ୍ ରୁଦ୍ର

"ବଇଁଶୀଟି ସଖୀ ଦେଇଗଲି ଆଜି ତମରି କରେ/ବଜେଇବ ଯେବେ ଭିଜେଇବ ନାହିଁ ଆଖିର ନୀରେ। ବଂଶୀ ! ଭାରି ବେଦରଦୀ। ସେ ବୁଝେନାହିଁ ସ୍ଥାନ କାଳ କି ପରିସ୍ଥିତି। ଥରେ ବାଜିବା ଆରମ୍ଭ କରିଦେଲେ ଚନ୍ଦ୍ରଗ୍ରହଣ ହୋଇଥାଉ କି ସୂର୍ଯ୍ୟ ପରାଗ, ରାଧା ଦଉଡ଼ି ଆସିବ ଯମୁନା କୁଳକୁ।"

ହଁ, ବଂଶୀ ବାଜିଲେ ଯେମିତି ରାଧାର ପାଦ ଆନମନା ହୁଏ, ଠିକ୍ ସେମିତି ମଞ୍ଚ ଉପରୁ ଏମିତି ଏକ ରୋମାଣ୍ଟିକ ସଂଳାପ ଶୁଣିଲେ ତଳେ ବସିଥିବା ଦର୍ଶକଙ୍କ ହାତରେ ଶିହରଣ ଖେଳେ। ରାଧା ସିନା ଯମୁନା କୂଳକୁ ଦଉଡ଼େ, ହେଲେ ଦର୍ଶକ କରନ୍ତି କରତାଳିର ବର୍ଷା। କାରଣ ମଞ୍ଚ ଉପରେ ଥାଆନ୍ତି ଜଲିଉଡ୍‌ର ନମ୍ବର ୱାନ୍ ରୋମାଣ୍ଟିକ୍ ନାୟକ ରୁଦ୍ର– ରୁଦ୍ର ପ୍ରସାଦ ମିଶ୍ର। ରୁଦ୍ର ଯେତିକି ଷ୍ଟାଇଲିସ୍ ସେତିକି ଟ୍ରେଣ୍ଡି। ତାଙ୍କର ଥରିଲା ଗଳାର ସୁରିଲା ସଂଳାପ କେତେବେଳେ ଦର୍ଶକଙ୍କୁ ହସାଏ ତ କେତେବେଳେ କନ୍ଦାଏ। ସେଥିପାଇଁ ତ ଦିନେ ଏମିତି ଘଟିଥିଲା ଘଟଣାଟାଏ : ଧାମରାରେ 'ଏଠି କାନ୍ଦିବା ମନା' ନାଟକ ସାରି ରୁଦ୍ର ଓହ୍ଲାଉଥାନ୍ତି ମଞ୍ଚରୁ। ହଠାତ୍ ତାଙ୍କ ଆଡ଼କୁ ଧାଇଁ ଆସିଲା ଏକ ସୁନ୍ଦରୀ ତରୁଣୀ। ଆଉ ସେ କିଛି ବୁଝିବା ଆଗରୁ ତାଙ୍କ ଗାଲରେ ଚୁମ୍ବନଟିଏ ଆଙ୍କିଦେଇ ଚାଲି ଯାଇଥିଲା।

**ଏମିତି ଘଟିଥିଲା ଘଟଣାଟାଏ : ଧାମରାରେ 'ଏଠି କାନ୍ଦିବା ମନା' ନାଟକ ସାରି ରୁଦ୍ର ଓହ୍ଲାଉଥାନ୍ତି ମଞ୍ଚରୁ। ହଠାତ୍ ତାଙ୍କ ଆଡ଼କୁ ଧାଇଁ ଆସିଲା ଏକ ସୁନ୍ଦରୀ ତରୁଣୀ। ଆଉ ସେ କିଛି ବୁଝିବା ଆଗରୁ ତାଙ୍କ ଗାଲରେ ଚୁମ୍ବନଟିଏ ଆଙ୍କିଦେଇ ଚାଲି ଯାଇଥିଲା...**

ପ୍ରଥମେ ଫିଲ୍ମ 'ରକତ କହିବ ନିଜର କିଏ' ଓ ପରେ ମେଗା ସିରିଏଲ୍ 'ମାଉସୀ'। ରୁଦ୍ର କେବେ ଭାବି ନ ଥିଲେ ଯାତ୍ରାକୁ ଆସିବେ। ମାତ୍ର ଯାତ୍ରା ହିଁ ଥିଲା ତାଙ୍କର ନିୟତି। ନାୟକ ସୁରେଶ ପଣ୍ଡାଙ୍କ ଆହ୍ୱାନରେ ସେ ଆସିଲେ ଯାତ୍ରାକୁ। ପ୍ରଥମେ ବାଘାଯତୀନ ଲୋକନାଟ୍ୟ। ଆଉ ତା'ପରେ କୋଣାର୍କ। କୋଣାର୍କରେ ସେ କଟେଇ ସାରିଲେଣି ୯ବର୍ଷ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ଏଠି କାନ୍ଦିବା ମନା', 'ବ୍ରହ୍ମଚଣ୍ଡାଳ', 'କଇଁଚି କାକୁଡ଼ି ନଳିତା ପିତା', 'ଅନ୍ଧ ମୂକ ବଧିର' ଏବଂ 'ଭାଗ୍ୟ ଖେଳୁଛି ଖେଳ'।

ରୁଦ୍ର କେବଳ ରୋମାଣ୍ଟିକ କିମ୍ବା ଷ୍ଟାଇଲିସ୍ ନୁହନ୍ତି ; ସେ ଚ୍ୟାଲେଞ୍ଜିଂ ମଧ୍ୟ। ତାଙ୍କୁ ଯାହା ମନା କରାଯିବ ସେ ତାହା ହିଁ କରିବେ। ନାଟକ 'ମାଇଚିଆ ଗୁଖେଇ ସାହୁ'ର ଘଟଣା। ତାଙ୍କୁ ଏକ ହୁଣ୍ଡା ଗାଉଁଲି ପିଲାର ଭୂମିକା ମିଳିଲା। ଭୂମିକାଟି ରୁଦ୍ରଙ୍କ ସମ୍ପୂର୍ଣ୍ଣ ବିପରୀତ। ସମସ୍ତେ ଭାବୁଥିଲେ ରୁଦ୍ର ଏ ଭୂମିକା କରିପାରିବେ ନାହିଁ। ରୁଦ୍ର କହନ୍ତି : ରିହରସାଲ୍ ବେଳେ ତାଙ୍କୁ ଅନେକ ଅସୁବିଧା ହୋଇଛି। କେତେବେଳେ ଷ୍ଟାଇଲ୍‌ରେ ହାତଗୋଡ଼ ଉଠିଯାଇଛି ତ କେତେବେଳେ ଡାଇଲଗ୍‌ରେ ରୋମାଣ୍ଟିକ୍ ଥ୍ରୋ ପଞ୍ଚ୍ ହେଇଯାଇଛି। ହେଲେ ସେ ଚ୍ୟାଲେଞ୍ଜ ନେଲେ। ଚରିତ୍ରଟିକୁ ଜୀବନ୍ତ କରିବେ। ଆଉ ତାହା ହିଁ ହେଲା। ସେ ଏହି ଚରିତ୍ର ପାଇଁ ଦୁଇଦୁଇଥର ପୁରସ୍କୃତ ମଧ୍ୟ ହେଲେ। ଚଳିତ ବର୍ଷର ନାଟକ 'ଅନ୍ଧ ମୂକ ବଧିର'ରେ ତାଙ୍କୁ ମଧ୍ୟ ସେମିତି ଗୋଟେ ଚ୍ୟାଲେଞ୍ଜିଂ ଭୂମିକା ମିଳିଛି। ଆଉ ସେ ତାହାକୁ ଶତପ୍ରତିଶତ ଜଷ୍ଟିସ୍ ଦେବାକୁ ଚେଷ୍ଟା କରିଛନ୍ତି। ସବୁଠୁ ବଡ଼କଥା ଏପରି କରିବାକୁ ସେ ତାଙ୍କ ବାପାଙ୍କଠୁ ହିଁ ପ୍ରେରଣା ପାଇଛନ୍ତି। ତାଙ୍କ ବାପା କହନ୍ତି : ତମକୁ ଯେତେବେଳେ ଯାହା ମିଳୁଛି ତମେ ସେଥିରେ ନିଜକୁ ସମ୍ପୂର୍ଣ୍ଣ ହଜେଇଦବା ଆବଶ୍ୟକ। ଜଣେ ସାମ୍ବାଦିକ ଭାବରେ କ୍ୟାରିଅର ଆରମ୍ଭ କରିଥିବା ରୁଦ୍ରଙ୍କ ଆଗରେ ଲମ୍ବିଛି ଅସୁମାରି ରାସ୍ତା। ଆଉ ରାସ୍ତା ଅତିକ୍ରମ କରିବାକୁ ରୁଦ୍ର ବି ପ୍ରସ୍ତୁତ।

# ମଞ୍ଜୁ ଆସିଲେ ମଞ୍ଚ ଦୋହଲେ

ମଞ୍ଜୁ ମଞ୍ଚକୁ ଆସିଲେ ସତକୁସତ ମଞ୍ଚ ଦୋହଲିଯାଏ। କେବଳ ମଞ୍ଚ ନୁହେଁ ; ମଞ୍ଚ ତଳେ ବସିଥିବା ଦର୍ଶକମାନେ ବି ଦୋହଲନ୍ତି। ଉପସ୍ଥାପିକା ଭାବରେ ହେଉ କି ଅଭିନେତ୍ରୀ ଭାବରେ – ମଞ୍ଚକୁ ଆସି ମଞ୍ଜୁ ନିଜର ଏକ ନିଆରା ଛାପ ଛାଡ଼ିଯାଆନ୍ତି। ତାଙ୍କର ସମ୍ପୂର୍ଣ୍ଣ ନାମ ମଞ୍ଜୁ ମହାନ୍ତି। ମାତ୍ର ଯାତ୍ରା ଇଣ୍ଡଷ୍ଟ୍ରିରେ ସେ କେବଳ ମଞ୍ଜୁ ଭାବରେ ପରିଚିତ। ସମ୍ପ୍ରତି ପାର୍ବତୀ ଗଣନାଟ୍ୟରେ ଅଭିନୟ ଜାରି ରଖିଥିବା ମଞ୍ଜୁଙ୍କ ଘର ଜଟଣୀର କୁଶମାଟି। ପିଲାଟି ବେଳୁ କଳା ପ୍ରତି ରୁଚି ଥିଲା। ତେଣୁ ପରିବାରର ପ୍ରତିବନ୍ଧକ ସତ୍ତ୍ୱେ ସେ ଯାତ୍ରାକୁ ଆସିଲେ। ପ୍ରଥମେ ଯୋଗଦେଲେ ତାରପୁର ଅପେରାରେ। ତା'ପରଠୁ ତାଙ୍କୁ ଆଉ ପଛକୁ ଚାହିଁବାର ଅବକାଶ ଜୁଟିନି। ଉଭୟ ପଜିଟିଭ୍ ଓ ନେଗେଟିଭ୍ ଭୂମିକାକୁ ଖୁବ୍ ନିଖୁଣ ଭାବରେ ତୁଲାଇ ପାରୁଥିବା ମଞ୍ଜୁଙ୍କର କିନ୍ତୁ ନେଗେଟିଭ୍ ଭୂମିକା ପସନ୍ଦ। କାରଣ ନେଗେଟିଭ୍ ରୋଲରେ ଚ୍ୟାଲେଞ୍ଜ ଥାଏ। ସେହିଭଳି ଉପସ୍ଥାପିକା ଭାବରେ ମଧ୍ୟ ତାଙ୍କର ଏକ ନିଆରା ପରିଚୟ ମିଳିଛି। ମିଠାମିଠା କଥାରେ ଦର୍ଶକଙ୍କ ମନରେ ଛାପ ଛାଡ଼ିଯିବା ଭଳି ଭଲଭଲ କଥା କହିବାର ସୁଯୋଗ ମିଳେ ଉପସ୍ଥାପନାରେ ; ଯାହା ତାଙ୍କର ଖୁବ୍ ପସନ୍ଦ। ସ୍ୱାମୀ ଅଶୋକ କୁମାର ଗୌଡ଼ଙ୍କ ପ୍ରେରଣାରେ ଯାତ୍ରାର ପାହାଚ ଚଢୁଥିବା ମଞ୍ଜୁଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି : ସିଲାର ଯବାନୀ ନିଲାମ ହେଲା, କାଳିଜାଈ କାନ୍ଦେ ସଞ୍ଜ ନଇଁଲେ, କାହାରିକୁ ଆମେ ଡରିବା ନାହିଁ, ଧଉଳି ଏକ୍ସପ୍ରେସ୍, ବନ୍ଧୁ ବାନ୍ଧିଥିଲେ ବନ୍ଧୁ ମହାନ୍ତି। ତାଙ୍କୁ ମିଳିଥିବା ଚରିତ୍ରଗୁଡ଼ିକ ମଧ୍ୟରେ 'ବନ୍ଧୁ ବାନ୍ଧିଥିଲେ ବନ୍ଧୁ ମହାନ୍ତି'ର ସମ୍ବଲପୁରୀ ବଞ୍ଜାରା ଝିଅ 'ରେଶମା' ଚରିତ୍ରଟି ତାଙ୍କର ଖୁବ୍ ପ୍ରିୟ। ଚଳିତ ସିଜନରେ ସେ ଅଭିନୟ କରିଥିବା ନାଟକ ମଧ୍ୟରେ ରହିଛି : ମୁଖା ମଣିଷ, ମତେ ବିଚାର ଦିଅ, ଏମିତି କେମିତି ହେଲା ଏବଂ ଅଦିନ ଝଡ଼।



ବ୍ୟାକ୍ ପେଜ୍

# କାର୍ଟୁନ ଦୁନିଆ ପରି ଲାଗେ ଏଇ ହୋଟେଲ

ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ନାନା ପ୍ରକାରର ଅଜବ ହୋଟେଲ କରାଯାଉଛି। ସେଥିରୁ କିଛିଟା ସମ୍ପର୍କରେ ଅନେକେ ଅବଗତ ଥିବେ। ତେବେ ଦକ୍ଷିଣ କୋରିଆର ସିଓଲରେ ଅଛି ଏମିତି ଏକ ହୋଟେଲ, ଯାହା ମଧ୍ୟକୁ ପ୍ରବେଶ କରିବା ମାତ୍ରେ ଲାଗିବ କାର୍ଟୁନ ଦୁନିଆ ଭିତରକୁ ଚାଲିଆସିଲେ ଅବା କୌଣସି କମିକ୍ ବୁକ୍ ଭିତରେ ପ୍ରବେଶ କରିଯାଇଛନ୍ତି। କାରଣ ଉକ୍ତ ହୋଟେଲର ପ୍ରତ୍ୟେକ କାନ୍ଥ ବାଡ, ଟେବୁଲ, ଚେୟାର, ଆସବାବପତ୍ର, ବାସନକୁସନ, ଏମିତି କି ଖାଦ୍ୟ ସାମଗ୍ରୀ ସବୁ କିଛି ରେଖାଚିତ୍ରରେ ଅଙ୍କିତ କାର୍ଟୁନ ଭଳି। ଜୁଲାଇ ୨୦୧୭ରେ ଖୋଲିଥିବା ଏହି ହୋଟେଲର ନାମ ହେଉଛି 'କାଫେ ୟେଓନାମ-ଡଙ୍ଗ ୨୩୯-୨୦'। ଗ୍ରାହକମାନେ ଭିନ୍ନ ଏକ ଦୁନିଆର ଅନୁଭୂତି ସାଉଁଟିବା ପାଇଁ ଏଠାକୁ ବହୁ ସଂଖ୍ୟାରେ ଯାଉଛନ୍ତି।











# ଜୋକର୍ ପରି ଦିଶିବା ପାଇଁ





ରିଚି ଦି ବାର୍ବର୍। ପେସାରେ ସେ କେଶ କଟାଳି। ହେଲେ ପିଲାଦିନୁ ତାଙ୍କର ଇଚ୍ଛା ଥିଲା ଜୋକର୍ ହେବା ପାଇଁ। ପିଲାଦିନେ ଯେତେବେଳେ ସେ ପ୍ରଥମକରି ଏକ ଜୋକର୍‌କୁ ଭେଟିଥିଲେ ତାଙ୍କୁ ନ ଡରି ତାଙ୍କର ହସାଇବା ଶୈଳୀ, ବିଭିନ୍ନ ଟ୍ରିକ୍ସ ଓ ଜଗଲ୍ କରିବା ତରିକାରେ ପ୍ରଭାବିତ ହୋଇଯାଇଥିଲେ। ଆଉ ସେବେଠାରୁ ସେ ନିଷ୍ପତ୍ତି ନେଇଥିଲେ ଦିନେ ସେ ବି ଜୋକର୍ ହେବେ। ହେଲେ ବଡ଼ ହେବାପରେ ସେ ଯେତେବେଳେ ବି ନିଜ ଅନ୍ତରର ଆକାଂକ୍ଷାକୁ ପ୍ରକାଶ କରିଥିଲେ ଅଟ୍ଟହାସ୍ୟର ଶିକାର ହେଉଥିଲେ। ତଥାପି କାହାକୁ ଭ୍ରୂକ୍ଷେପ କରି ନ ଥିଲେ। ପ୍ରଥମେ ଏକ ୟୁନିସାଇକେଲ ଚଳାଇବା ଶିଖିଲେ। ତା'ସହ ତାରି ଉପରେ ଥାଇ ଜଗଲ କରିବା ଅଭ୍ୟାସ କଲେ। ତା'ସହ ମୁହଁରେ କରାଇଲେ ବିଭିନ୍ନ ପ୍ରକାରର ଟାଟୁ। ପାଟି ଚାରିପଟେ ଲାଲ ରଙ୍ଗର ଟାଟୁ କରାଇ ବଡ଼ ଲାଲ ରଙ୍ଗର ପାଟି କରାଇଲେ। ଜୋକର୍ ପରି ନାକରେ ଲାଲ୍ ରଙ୍ଗର ଟାଟୁ ଓ ଟାଟୁରେ ମୋଟା ଲାଲ ରଙ୍ଗର ଭ୍ରୂଲତା କରାଇଲେ। ଫଳରେ ଆଜୀବନ ତାଙ୍କ ମୁହଁ ଜୋକର୍ ପରି ହୋଇଗଲା। ସେଥିରେ ସେ ମୁଣ୍ଡର ମଝିକୁ ଶେଭ୍ କରି ଦୁଇ ପାର୍ଶ୍ୱରେ ଲାଲ ରଙ୍ଗର କେଶ ଲଗାନ୍ତି, ମୁହଁରେ ନୀଳ ରଙ୍ଗର ଟାଟୁ କରାଇଛନ୍ତି, ନିଶକୁ ଫ୍ୟାନ୍ସି କରାଇଛନ୍ତି। ଆଉ ଜୋକର୍ ପରି ରଙ୍ଗବେରଙ୍ଗର ପୋଷାକ ପିନ୍ଧନ୍ତି। ଏହି ନିଶା ପାଇଁ ତାଙ୍କୁ ତାଙ୍କ ମହିଳା ବନ୍ଧୁ ବି ଛାଡି ପଳାଇଲେ। ହେଲେ ସେ ନିଜର ନିଶା ଛାଡିଲେନି। ଆଉ ପାଲଟିଗଲେ ଜୋକର୍। ସେ ଜୋକର୍‌ଙ୍କର ଅନେକ ରଙ୍ଗବେରଙ୍ଗର ପୋଷାକ, ଆସେସରିଜ୍ ରଖିଛନ୍ତି। ତା'ସହ ସେ ଯେବେ ବି ଗ୍ରାହକଙ୍କ କେଶ କାଟନ୍ତି ସେତେବେଳେ ଗ୍ରାହକଙ୍କୁ ଖୁସି କରିବା ପାଇଁ ଅନେକ ପ୍ରକାର ଟ୍ରିକ୍ କରି ସେମାନଙ୍କୁ ହସାଇ ଥାଆନ୍ତି।